## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ବାମେବାରି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛି। ଯୁବକ ଜଣକ ବୁଧୁରାମ ମାଝୀ। ନାବାଳିକା ନିଖୋଜ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ବୁଧୁରାମ ଉକ୍ତ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରଖି ଅନ୍ୟତ୍ର ରଖିଥିବା ଖବର ପୋଲିସ ଜାଣିଥିଲା। ବୁଧୁରାମ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ମାମଲା (ନଂ .୧୦୩/୨୩)ରୁଜୁ ହୋଇଛି।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା ମାମଲା
## ଦୋଷୀ ସ୍ୱାମୀଙ୍କୁ ୭ ବର୍ଷ ଜେଲଦଣ୍ଡ

ବଡ଼ବିଲ,୨୯।୬ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ଅତିରିକ୍ତ ଜିଲା ଦୌରା ଜଜ୍ କୋର୍ଟରେ ଏକ ହତ୍ୟା ଘଟଣାର ରାୟ ପ୍ରକାଶ ପାଇଛି। ଜଜ ସରୋଜ ଦାଶ ମାମଲା ଶୁଣାଣି କରି ସ୍ତ୍ରୀ ହତ୍ୟାକାରୀ ସ୍ୱାମୀକୁ ଦୋଷୀ ସାବସ୍ତ୍ୟ କରି ୭ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବଡ଼ବିଲ ଥାନା ଅନ୍ତର୍ଗତ ଦାମୁହଟିଂରେ ୨୦୧୯ ସେପ୍ଟେମ୍ବର ୨୩ରେ କାଳିଆ ଗୋପ୍ ତାଙ୍କ ସ୍ତ୍ରୀଙ୍କୁ ଏକ ଲୁହା ପାଇପରେ ପିଟିପିଟି ହତ୍ୟା କରିଥିଲେ। ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏ ନେଇ ବଡ଼ବିଲ ଥାନାରେ ମାମଲା (ନଂ. ୧୮୪/୨୦୧୯)ରୁଜୁ ହୋଇଥିଲା। ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଉପରକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରୀ ଓକିଲ ମଧୁସୂଦନ ପତି ପରିଚାଳନା କରୁଥିଲେ।

## ଯୁବତୀ ଅନ୍ତଃସତ୍ତ୍ୱା, ଯୁବକ ଗିରଫ

କୁଳିଅଣା,୨୯।୬(ଆଦିକନ୍ଦ ସାହୁ)- ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅନ୍ତଃସତ୍ତ୍ୱା କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଧନେଶ୍ୱର ମାରାଣ୍ଡି। ଉକ୍ତ ଯୁବତୀଙ୍କୁ ସେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ତେବେ ଯୁବତୀ ଜଣକ ୨ ମାସର ଅନ୍ତଃସତ୍ତ୍ୱା ହେବା ପରେ ଯୁବକ ଜଣକ ବିବାହ କରିବାକୁ ମନା କରିବାରୁ ଯୁବତୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୮୭/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

## ନାବାଳକ ନିଖୋଜ ଅଭିଯୋଗ

ପାଟଣା,୨୯।୬(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସ୍ୱାମ ମୁଣ୍ଡା ସାହିର ବୁଧୁ ମୁଣ୍ଡାଙ୍କ ପୁଅ ଟିଟୁ ମୁଣ୍ଡା(୧୪) ୧୧ ଦିନ ହେବ ନିଖୋଜ ହୋଇଯାଇଛନ୍ତି। ଏ ନେଇ ପାଟଣା ଥାନାରେ ବୁଧୁ ମୁଣ୍ଡା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଟିଟୁ ଯାଜପୁର କୁଆଖିଆ ନିକଟ କାଇପଡ଼ାର ଏକ ହୋଟେଲରେ ରହି କାମ କରୁଥିଲେ। ଗତ ୧୮ ତାରିଖରୁ ସେଠାରୁ କୁଆଡ଼େ ଚାଲିଯାଇଛନ୍ତି। ଏ ନେଇ ପାଟଣା ଥାନାରେ ମାମଲ (ନଂ. ୧୧୦/୨୩)ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ନାବାଳକଙ୍କ ସନ୍ଧାନ ପାଆନ୍ତି ନିକଟସ୍ଥ ଥାନାକୁ ଜଣାଇବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି।

## ଭାଜପାର ଜନସମ୍ପର୍କ ପଦଯାତ୍ରା

ବୈଶିଙ୍ଗା,୨୯।୬(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ତଥା ବେତନଟୀ ବ୍ଲକ ଅଧୀନ ଆମ୍ବଗଡ଼ିଆ ପଞ୍ଚାୟତରେ ବୁଧବାର ଭାଜପା ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଏବଂ ବଡ଼ସାହି ବିଧାୟକ ସନାତନ ବିଜୁଳି ଘରକୁ ଘର ବୁଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଏହି ପଦଯାତ୍ରା ଆମ୍ବଗଡ଼ିଆ ଛକଠାରୁ ବାହାରି ପଞ୍ଚାୟତର ୧୩ଟି ୱାର୍ଡ ପରିକ୍ରମା କରିଥିଲା। ଭାଜପା ଯୁବନେତା କାରୁ ମୁର୍ମୁ, କାଳିଚରଣ ସୋରେନ, ଶରଣେଶ୍ୱର ବେହେରା, କାହ୍ନୁଚରଣ ପତି, ତାପସ ସାହୁ, ପ୍ରଦୀପ ସିଂ, ସଞ୍ଜୟ ଦାସ, ରବୀନ୍ଦ୍ର ଦାସ, ଉତ୍ତମ ପଣ୍ଡା, ଶ୍ରୀଧର ସେଠୀ, ଘନଶ୍ୟାମ ସାହୁ, ଅନ୍ତର୍ଯ୍ୟାମୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଉଦୟପୁର -ତାଳସାରୀ ପଥରବନ୍ଧ ଅନୁଧ୍ୟାନ କଲା ସେଚ ବିଭାଗ

ଭୋଗରାଇ, ୨୯। ୬ (ପ୍ରଦୀପ ଦାସ)



ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଦୟପୁର - ତାଳସାରୀର ତଟ ସୁରକ୍ଷା ପାଚେରି ପଥରବନ୍ଧ ସାମାନ୍ୟ ବର୍ଷାରେ ୫୦ଟି ସ୍ଥାନରେ ଘାଇ ହେବା ପରେ ଗୁରୁବାର ଜଳ ସମ୍ପଦ ବିଭାଗର ଅଧିକାରୀମାନେ କ୍ଷେତ୍ର ଅନୁଧ୍ୟାନ କରିଛନ୍ତି। ଗୁରୁବାର ଅଧୀକ୍ଷଣ ଯନ୍ତ୍ରୀ ଜଳସମ୍ପଦ ବିଭାଗ ବାଲେଶ୍ୱର ଡିଭିଜନର ପ୍ରଭାସ ପ୍ରଧାନ, ଓସିସି ଜେଇ ବିଶେଶ୍ୱର ନାୟକ, ଓସିସିର ସିନିଅର ମ୍ୟାନେଜର ଦୀପକ ଦେହୁରୀ, ଠିକାଦାର ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ପ୍ରମୁଖ ଘଟଣାସ୍ଥଳ ସ୍ଥିତି ପରଖିଥିଲେ। ଘାଇ ହୋଇଥିବା ସମସ୍ତ ଅବସ୍ଥା ଓ ସମୀକ୍ଷା କରାଯିବା ସହିତ ଚିଫ୍ ଇଞ୍ଜିନିୟରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଅଧିକାରୀ କହିଥିଲେ। ଏଥିସହିତ ସ୍ଲୋଭ ଓ ପଥରବନ୍ଧ କଂକ୍ରିଟ ଡ୍ରେନ ନିର୍ମାଣ କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ପ୍ରଧାନ ପ୍ରକାଶ କରିଥିଲେ। ଦୀର୍ଘ ବର୍ଷଧରି ଏହି ତଟସୁରକ୍ଷା ପଥର ବନ୍ଧ ନିର୍ମାଣ ସମ୍ପୂର୍ଣ୍ଣ ନ ହେବା, ବିଭିନ୍ନ ଆଳ ଦେଖାଇ ଠିକାଦାର ସଂସ୍ଥା, ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ନିମ୍ନମାନର କାର୍ଯ୍ୟ ଯୋଗୁ ସରକାରଙ୍କ ଅନୁଦାନ କୋଟି କୋଟି ଟଙ୍କା ସମୁଦ୍ରକୁ ଯାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି। ଏହି ବେଳାଭୂମିକୁ ମୁଖ୍ୟମନ୍ତ୍ରୀ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଗଢି ତୋଳିବାକୁ ୨ ୦୧୧ ମସିହାରେ ବେଳାଭୂମି ଉତ୍ସବରେ ଘୋଷଣା କରିଥିଲେ। ସେବେଠୁ ପଥରବନ୍ଧ ନିର୍ମାଣ ଓ ବେଳାଭୂମିରେ ସୌନ୍ଦର୍ଯ୍ୟକରଣ ନିମନ୍ତେ ଅଦ୍ୟାବଧି ୭୮କୋଟି ଟଙ୍କାର ଉର୍ଦ୍ଧ୍ୱ ଅନୁଦାନ ରାଜ୍ୟ ସରକାର ଦେଇଥିବା ବେଳେ କାର୍ଯ୍ୟର ମନ୍ଥରତା ଓ ନିମ୍ନମାନର କାର୍ଯ୍ୟ ଯୋଗୁ ଅସରାଏ ବର୍ଷାରେ ପଥରବନ୍ଧ ଧସେଇ ନେଉଥିବା ଅଭିଯୋଗ ବାରମ୍ବାର ହେଉଛି।

# ଡମ୍ପର ଧକ୍କାରେ ଛାତ୍ରୀ ମୃତ୍ୟୁକୁ ନେଇ ଉତ୍ତେଜନା



ଦୁର୍ଘଟଣାସ୍ଥଳରେ ଲୋକେ ଉତ୍ତେଜନା ସୃଷ୍ଟି କରୁଛନ୍ତି।

ଭୋଗରାଇ, ୨୯। ୬ (ପ୍ରଦୀପ ଦାସ )

■୩ ଘଣ୍ଟା ରାସ୍ତା ଅବରୋଧ
■ପ୍ରତିଶ୍ରୁତି ପରେ ହଟିଲେ ଆନ୍ଦୋଳନକାରୀ

ବାଲେଶ୍ୱର ଜିଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ନହରା ଛକଠାରେ ଗୁରୁବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣ ଛାତ୍ରୀ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତ ଛାତ୍ରୀ ହେଲେ କମର୍ଦ୍ଦା ଥାନା ନହରା ଗ୍ରାମର ସୁଶାନ୍ତ ସେଠୀଙ୍କ ଝିଅ ଅନିତା ସେଠୀ।

ସୂଚନା ଅନୁଯାୟୀ ୩ଜଣ ଛାତ୍ରୀ ଘରୁ ବାହାରି ୩ଟି ସାଇକେଲରେ କମର୍ଦ୍ଦା ଟ୍ୟୁଶନ ହେବାକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଡମ୍ପର ସେମାନଙ୍କୁ ଧକ୍କା ଦେଇଥିଲା । ଜଣେ ଛାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଛାତ୍ରୀ ଛିଟିକି ପଡି ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇ ଡମ୍ପର ଦ୍ରୁତଗତିରେ ଜଳେଶ୍ୱର ଅଭିମୁଖେ ପଳାଇଯାଉଥିବା ବେଳେ ସ୍ଥାନୀୟ ଲୋକେ ନାମ୍ପ ଫାଣ୍ଡିକୁ ସୂଚନା ଦେବା ପରେ ପୋଲିସ ସେଠାରେ ଗାଡିକୁ ଅଟକାଇ ଡ୍ରାଇଭରଙ୍କୁ ଗିରଫ କରିଥିଲେ। ଛାତ୍ରୀଙ୍କ ମୃତ୍ୟୁ ପରେ ସ୍ଥାନୀୟ ଜନସାଧାରଣ କ୍ଷତିପୂରଣ ଦାବିରେ ମୃତଦେହକୁ ରଖି ୩ ଘଣ୍ଟା ଜଳେଶ୍ୱର-ଚନ୍ଦନେଶ୍ୱର ମୁଖ୍ୟ ରାସ୍ତାକୁ ଟାୟାର ଜାଳି ଅବରୋଧ କରିବା ସହିତ ନାରାବାଜି ପ୍ରଦର୍ଶନ କରିଥିଲେ । ଜଳେଶ୍ୱରରୁ -ଚନ୍ଦନେଶ୍ୱର ଏବଂ ଚନ୍ଦନେଶ୍ୱରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସ୍ ଓ ଅନ୍ୟ ଯାନଗୁଡିକ ସେଠାରେ ଅଟକି ପଡିବାରୁ ଯାତ୍ରୀଙ୍କ ସହିତ ଆନ୍ଦୋଳନକାରୀଙ୍କ ମଧ୍ୟରେ ଗଣ୍ଡଗୋଳ ତୀବ୍ର ଆକାର ଧାରଣ କରିଥିଲା। ଖବର ପାଇ କମର୍ଦ୍ଦା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲା। ଏସ୍‌ଡିପିଓ ଦିଲୀପ କୁମାର ସାହୁ ଓ ଭୋଗରାଇ ତହସିଲଦାର ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଦୀର୍ଘ ସମୟ ଆଲୋଚନା ଓ ରେଡ଼କ୍ରସରୁ ୧୦ହଜାର ଟଙ୍କା ଦେବା ସହ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୁ ଆନ୍ଦୋଳନକାରୀମାନେ ହଟିଥିଲେ।

# ‘ଭଜଗୋବିନ୍ଦ ଥିଲେ ନିର୍ଭୀକ,ସ୍ୱଷ୍ଟବାଦୀ’

ଭଦ୍ରକ,୨୯।୬(ସନାତନ ରାଉତ/ରବିନାରାୟଣ ଖିଲାର)



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

ଭଦ୍ରକର ବରିଷ୍ଠ ଖବରଦାତା ସ୍ୱର୍ଗତ ଭଜଗୋବିନ୍ଦ ଜେନା ଜଣେ ନିର୍ଭୀକ ଓ ସ୍ୱଷ୍ଟବାଦୀ ଖବରଦାତା ଭାବେ ପରିଚିତ ଥିଲେ। ଏହାବ୍ୟତୀତ ସେ ଜଣେ ଅନୁଷ୍ଠାନପ୍ରେମୀ ଓ ମେଳାପୀ ବ୍ୟକ୍ତି ଥିଲେ ବୋଲି ଭଦ୍ରକ ବାଇପାସ୍‌ସ୍ଥିତ ସାଳନ୍ଦୀ ଇରିଗେସନ ସଭାଗୃହରେ ଗୁରୁବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି। ଖବରଦାତା ସଂଘ ପକ୍ଷରୁ ଆୟୋଜିତ ସଭାରେ ଖବରଦାତା ହରିହର ନାୟକଙ୍କ ସଭାପତିତ୍ୱରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ବରିଷ୍ଠ ଖବରଦାତା ପ୍ରମୋଦ ରାୟ, ଅଶୋକ କୁମାର ନାୟକ, ଗୌରହରି ନାୟକ, ପ୍ରତାପ ଦାଶ, ଜ୍ଞାନପ୍ରକାଶ ପାଣି, ରବିନାରାୟଣ ଖିଲାର, ଜଗବନ୍ଧୁ ବେହେରା, ଅପୂର୍ବ ରଞ୍ଜନ ବେହେରା, ରୂପକ ବିହାରୀ ରାୟ, ଜଗନ୍ନାଥ ରାଉତ, ସନାତନ ରାଉତ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପ୍ରଥମେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଦର୍ଶନ ବୋଇତି, ରାଜେଶ ଦାସ, ସଞ୍ଜୟ ଦାସ, ପ୍ରକାଶ ସ୍ୱାଇଁ, ଅବିନାଶ ପଣ୍ଡା, ଟୁକୁନା ସ୍ୱାଇଁ, ଗଙ୍ଗାଧର ଦାସଙ୍କ ସମେତ ଖବରଦାତାମାନେ ଉପସ୍ଥିତ ଥିଲେ।

## ହାଇଦ୍ରାବାଦରେ ଦୁର୍ଘଟଣା: ଓଡ଼ିଆ ଯୁବକଙ୍କ ମୃତ୍ୟୁ

ଔପଦା,୨୯।୬(ଧରିତ୍ରୀ ପଣ୍ଡା)

ହାଇଦ୍ରାବାଦରେ ରହି ରୋଷେୟା କାମ କରୁଥିବା ବାଲେଶ୍ୱର ଜିଲା ଔପଦା ଥାନା କସିଗଡ଼ିଆ ଗ୍ରାମର ଶିବ ପ୍ରସାଦ ବେହେରା କାର୍ ଧକ୍କାରେ ପ୍ରାଣ ହରାଇଛନ୍ତି। ଗତ ୨୫ତାରିଖରେ ଶିବପ୍ରସାଦ କାମ କରିବାକୁ ନିଜ ସାଇକେଲରେ ରାସ୍ତାରେ ଯାଉଥିବା ବେଳେ ହଠାତ୍ ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ସମ୍ପର୍କରେ ହାଇଦ୍ରାବାଦର ଏକ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ଡାକ୍ତରଖାନାରେ ପହଞ୍ଚି ସହଯୋଗର ହାତ ବଢ଼ାଇଥିଲେ। ଗତ ୨୭ତାରିଖରେ ଶିବପ୍ରସାଦଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିବା ଡାକ୍ତର ଘୋଷଣା କରିଥିଲେ। ସ୍ୱେଚ୍ଛାସେବୀ ସଂସ୍ଥା ମୁଖ୍ୟ କେନ୍ଦୁଝର ଜିଲା ଅଞ୍ଚଳର ସୁନୀଲ ଭାଇ ଓ ବାଲେଶ୍ୱର ଜିଲା ଔପଦା ଅଞ୍ଚଳର ସୁପରଭାଇଜର ସୁଦର୍ଶନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବ ପ୍ରସାଦଙ୍କ ମରଶରୀରକୁ ବାହାନଗା ବ୍ଲକ ଗୋପାଳପୁର ଅଞ୍ଚଳର କୁମାର ବାପିଙ୍କ ଦ୍ୱାରା ନିଜ ଘର କଷିଗଡ଼ିଆ ଗ୍ରାମକୁ ଅଣାଯାଉଛି। ତାଙ୍କର ଅକାଳ ମୃତ୍ୟୁ ପାଇଁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଭାଜପା ରାଜ୍ୟ ସଭାପତି ସମ୍ବର୍ଦ୍ଧିତ

ଧାମନଗର,୨୯।୬(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦିଆ)

ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ଧାମନଗର ବ୍ଲକ୍ ଅନ୍ତର୍ଗତ ପଧାନିଠାରେ ବୁଧବାର ଏକ ଦଳୀୟ କାର୍ଯ୍ୟକ୍ରମରେ ଧାମନଗର ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତିଙ୍କ ସଂଯୋଜନାରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ ଯୋଗଦେଇ ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଦୃଢ଼ ନେତୃତ୍ୱରେ ଆଗାମୀ ଦିନରେ ଦଳ ଆହୁରି ସକ୍ରିୟ ଓ ସଙ୍ଗଠିତ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ବିଧାନସଭା ସଂଯୋଜକ ଅଶୋକ ପୁହାଣ, ଭଦ୍ରକ ଜିଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ଭଗବାନ ପଣ୍ଡା, ବରିଷ୍ଠ ନେତା ଦୀପକ ରାୟ ମହାପାତ୍ର, ଜିଲା ମିଡିଆ ସେଲ ସଂଯୋଜକ ବୈକୁଣ୍ଠ ନାଥ ସାହୁ, ଓବିସି ମୋର୍ଚ୍ଚାର ପୂର୍ବତନ ସଭାପତି ବୁଦ୍ଧଦେବ ଜେନା, ପୂର୍ବତନ ସେବା ସମବାୟ ସଭାପତି କ୍ଷେତ୍ରବାସୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସଭାପତି ହେବା ପରେ ପ୍ରଥମଥର ଧାମନଗର ଆସି ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଆଦର୍ଶ ବିଦ୍ୟାଳୟ ରାସ୍ତା ଶୋଚନୀୟ

ଚମ୍ପୁଆ,୨୯।୬(ମହେଶ୍ୱର ଦାସ)

ମୌସୁମୀର ପ୍ରଥମ ସ୍ପର୍ଶରେ କେନ୍ଦୁଝର ଜିଲା ଚମ୍ପୁଆରେ ଲାଗିଥିବା ଲଗାଣ ବର୍ଷା ଦ୍ୱାରା ଆଦର୍ଶ ବିଦ୍ୟାଳୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ରମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁସାରେ, ଚମ୍ପୁଆ ମୁଖ୍ୟ ରାସ୍ତାରୁ ଆଦର୍ଶ ବିଦ୍ୟାଳୟକୁ ସଂଯୋଗ ହୋଇଥିବା ରାସ୍ତାଟି ଖାଲଖମା ହୋଇଥିବାରୁ ସମାନ୍ୟ ବର୍ଷାରେ ପାଣି ଜମୁଛି। ଫଳରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକମାନେ ଏହି ଖାଲଖମାର ରାସ୍ତାରେ ସାଇକେଲ କିମ୍ବା ମଟର ସାଇକେଲ ନେଇ ଯାତାୟାତ କରୁଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ବିଭାଗ ଦୃଷ୍ଟି ଦେଇ ସମାଧାନ କରିବାକୁ ଦାବି ହୋଇଛି।

# କାର୍ଯ୍ୟକ୍ଷମ ହେଲା ଡିଏମ୍ଏଫ୍ ପାଠାଗାର



ଚମ୍ପୁଆ,୨୯।୬(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସିରେ ନବ ନିର୍ମିତ ପାଠାଗାର କାର୍ଯ୍ୟକ୍ଷମ ହୋଇଛି। ଏହା ଡିଏମ୍ଏଫ( ଜିଲା ଖଣିଜ ପାଣ୍ଠି)ରୁ ୩୩ ଲକ୍ଷ ୪୩ ହଜାର ୪୬୨ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝର କାର୍ଯ୍ୟକ୍ରମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ସୁଜିତ ଚୌଧୁରୀ, ଲେଖକ ରମାକାନ୍ତ ପ୍ରଧାନ, ଲେଖକ ଧରଣୀଧର ଦାସ, ଅଧ୍ୟାପକ ତଥା ଗାଳ୍ପିକ ଉମାକାନ୍ତ ସିଂ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଓ ଏନ୍‌ଏସି କର୍ମଚାରୀଙ୍କ ଉପସ୍ଥିତିରେ ବୁଧବାର ଏହା ଶୁଭାରମ୍ଭ କରାଯାଇଥିଲା। ପାଠାଗାରରେ ୧୫୫୯ ଖଣ୍ଡ ପୁସ୍ତକ ରହିଥିବା ବେଳେ ଶିଶୁ ବର୍ଗଠାରୁ ଆରମ୍ଭ କରି ସବୁ ଶ୍ରେଣୀର ପାଠକଙ୍କ ପାଇଁ ପୁସ୍ତକ ଉପଲବ୍ଧ ରହିଛି। ପ୍ରଥମ ପର୍ଯ୍ୟାୟରେ ପାଠାଗାରରେ ୪ ଲକ୍ଷ ଟଙ୍କାର ପୁସ୍ତକ ସହିତ ଶିଶୁମାନଙ୍କ ଆମୋଦ ପ୍ରମୋଦ ଏବଂ ଶିକ୍ଷା ପାଇଁ ବିଭିନ୍ନ ଉପକ୍ରମ ଉପଲବ୍ଧ ରହିଛି। ପାଠାଗାର ଦ୍ୱାରା ସ୍ଥାନୀୟ ପାଠକମାନେ ସୁବିଧା ପାଇପାରିବେ ବୋଲି ଏନ୍‌ଏସି ଅଧିକାରୀ ସୂଚନା ଦେବା ସହିତ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର କବି ଓ ଲେଖକମାନଙ୍କୁ ନେଇ ବୈଠକ କରାଯିବ ଏବଂ ସେମାନଙ୍କ ସ୍ୱରଚିତ ପୁସ୍ତକ ଏହି ଲାଇବ୍ରେରୀରେ ଉପଲବ୍ଧ କରାଯିବ ବୋଲି ମତ ଦେଇଛନ୍ତି।

# ଭଜନ ସନ୍ଧ୍ୟାରେ ବିଭୋର ଶ୍ରଦ୍ଧାଳୁ



ବାହୁଡ଼ା ଉପଲକ୍ଷେ ଭଜନ ପରିବେଷଣ ହେଉଛି।

ରୂପସା, ୨୯।୬(ବାଞ୍ଛାନିଧି ଦେ)

## ସରିଲା ବାହୁଡ଼ା

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ କସିପଦା, ପୋଡ଼ାଡ଼ିହା, ନୀଳବାଡ଼ି, ରାଉତପଡ଼ା, ବାଲିଗୋହିରି ଆଦି ଗ୍ରାମରେ ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି। ମାଉସୀ ମା'ଙ୍କ ମନ୍ଦିରରେ ଲୀଳାଖେଳା ସାରି ୯ ଦିନ ପରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଦେବ ଓ ସୁଭଦ୍ରା ଦେବୀ ରଥରେ ବସି ଭକ୍ତଙ୍କ ଗହଣରେ ଶ୍ରୀମନ୍ଦିରକୁ ବାହୁଡ଼ି ଆସିଛନ୍ତି। ସାମାଜିକ ସଂଗଠନ 'ଦିଶା' ପକ୍ଷରୁ ଅଷ୍ଟମ ବାର୍ଷିକ ଉତ୍ସବ ପାଳନ ସହିତ ପୋଡ଼ାଡ଼ିହା ଗ୍ରାମ ସ୍ଥିତ ବାବା ତେରଜ୍ୟୋତି ତାରକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ସରକାରଙ୍କ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରୂପସାସ୍ଥିତ ଆଧ୍ୟାତ୍ମିକ ଭକ୍ତି ସଂଗୀତ ସୁଧାର କଳାକାର ଏବଂ ସଂଗୀତଗୁରୁ ଅର୍ଜୁନ କୁମାର ଦଳାଇ, କଣ୍ଠଶିଳ୍ପୀ ଦୀପ୍ତରାଗ ଦେ, ଅର୍ପିତା ଦଳାଇ ଓ ରୁଚିସ୍ମିତା ନାୟକ ଦୀର୍ଘ ସମୟ ଭଜନ ପରିବେଷଣ କରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମଗ୍ର ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ଜେନା, ଉପଦେଷ୍ଟା ବାଞ୍ଛାନିଧି ଦେଙ୍କ ସମେତ କାର୍ଯ୍ୟକର୍ତ୍ତା ହେମନ୍ତ ସେନାପତି, ଆଲୋକ ବେହେରା, ଜୟନ୍ତ ସେନାପତି, ହିମାଂଶୁ ଜେନା, ଜୁଲୁ ସେନାପତି, ଲୀଳାବତୀ ସେନାପତି, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସମୂହ ନମାଜ ପାଠ



ଭଦ୍ରକ,୨୯।୬(ସନାତନ ରାଉତ)

ଇଦ୍ ଉଲ୍ ଅଧା ଅବସରରେ ଭଦ୍ରକ ଇଦ୍‌ଗାହଠାରେ ଗୁରୁବାର ପୂର୍ବାହ୍ନରେ ସମୂହ ନମାଜ ପାଠ କରାଯାଇଛି। ଏହି ପର୍ବ ପାଳନ ଅବସରରେ ଇବ୍ରାହିମ ଇସ୍‌ଲାମ ଓ ଇସ୍‌ମାଇଲ୍ ଇସ୍‌ଲାମଙ୍କ ସ୍ମୃତିକୁ ମନେ ପକାଇବା ପାଇଁ ମୁସ୍‌ଲିମ ସମ୍ପ୍ରଦାୟ ପକ୍ଷରୁ ନମାଜ ପାଠ ସହ ସମସ୍ତେ ପରସ୍ପରଙ୍କୁ ଆଲିଙ୍ଗନ କରିଥାନ୍ତି। ଭଦ୍ରକ ସମେତ ଜିଲାର ସମସ୍ତ ମସ୍‌ଜିଦ୍‌ରେ ନମାଜ ପାଠ କରାଯାଇଛି। ଇଦ୍‌ଗାହଠାରେ ୫ ହଜାରରୁ ଉର୍ଦ୍ଧ୍ୱ ସାମୂହିକ ନମାଜ ପାଠ କରିଥିଲେ। ଚଉଦ ମହଲା ମୁସ୍‌ଲିମ ଜମାତର ସଭାପତି ହାଜି ଅବଦୁଲ ବାରୀ, ସମ୍ପାଦକ ଅବଦୁଲ ମୋକିତ ଖାଁ, କର୍ମକର୍ତ୍ତା ସେକ୍ ମହମ୍ମଦ ଜକାଉଲ୍ଲା, ସେକ୍ ସେରାଜୁଦ୍ଦିନ୍, ଜମିଲ ଅଖତର ଖାଁ, ହାଜି କୟୁମ୍ ଅଲି ସାହା ପ୍ରମୁଖ ସାମିଲ ଥିଲେ। ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପହଁଞ୍ଚି ଶୁଭେଚ୍ଛା ଜଣାଇଥିଲେ। ଭଦ୍ରକ ସହରରେ ଶାନ୍ତିଶୃଙ୍ଖଳାର ସହ ଏହି ପର୍ବ ପାଳନ ହୋଇଯାଇଛି। ଭଦ୍ରକ ଏସ୍‌ପି ବରୁଣ ଗୁଂଟୁପାଲି, ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟାଙ୍କ ନେତୃତ୍ୱରେ ପୋଲିସ ମୁତୟନ ରହିଥିଲେ।

# ଜିଲାପାଳ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଲେ ବିଡର

ଭଦ୍ରକ,୨୯।୬(ସନାତନ ରାଉତ)

## ପିଡିଏସ୍ ପରିବହନ ଟେଣ୍ଡରରେ ଫିକ୍ସିଂ

ଭଦ୍ରକ ଜିଲା ଯୋଗାଣ ବିଭାଗ ପକ୍ଷରୁ ୨୦୨୩-୨୫ ଲାଗି ଆହ୍ୱାନ କରାଯାଇଥିବା ପିଡିଏସ୍ (ସାଧାରଣ ବଣ୍ଟନ ସାମଗ୍ରୀ)ର ପରିବହନ ଠିକାଦାରୀ(ଲେବୁଲ-୨) ଟେଣ୍ଡରରେ ବହୁ ଅନିୟମିତତା ହୋଇଥିବା ନେଇ ବିଡର ଗଣେଶ ପ୍ରସାଦ ସ୍ୱାଇଁ ଅଭିଯୋଗ କରିଛନ୍ତି। ଏ ନେଇ ସେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ଗତ ଏପ୍ରିଲ ୨୪ରେ ଟେଣ୍ଡର ପ୍ରକାଶିତ ହୋଇଥିବା ବେଳେ ଆବେଦନ କରିବାର ଶେଷ ତାରିଖ ମେ ୨୨ ଥିଲା। ଜିଲାର ୭ ବ୍ଲକ୍ ଓ ୨ ପୌରପାଳିକା ପାଇଁ ମୋଟ ୮ ଜଣ ବଡର ଅନ୍‌ଲାଇନ୍ ଟେଣ୍ଡର ପ୍ରକ୍ରିୟାରେ ଆବେଦନ କରିଥିଲେ। ମେ ୨୬ରେ ଟେଣ୍ଡରର ଟେକ୍ନିକାଲ ବିଡ୍ ଖୋଲା ଯାଇଥିଲା। ପରେ ସାଧାରଣ ତ୍ରୁଟି ପାଇଁ ୨ ବିଡ୍ଡରଙ୍କୁ ନାକଚ କରାଯାଇଥିଲା। ଅବଶିଷ୍ଟ ୬ ବିଡ୍ଡରଙ୍କୁ ଟେକ୍ନିକାଲ ବିଡରେ ବଛା ଯାଇଥିଲା। ବନ୍ତ, ଭଣ୍ଡାରିପୋଖରୀ ଓ ଭଦ୍ରକ ପାଇଁ ଟେଣ୍ଡର ପକାଇଥିବା ବିଡ୍ଡର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କର କାଗଜପତ୍ରରେ ତ୍ରୁଟି ଥିବା ସନ୍ଦେହ କରି ଅଭିଯୋଗକାରୀ ଅନ୍‌ଲାଇନରୁ ସମସ୍ତ ଟେଣ୍ଡର କାଗଜପତ୍ର ବାହାର କରିବା ପରେ ତ୍ରୁଟି ଥିବା ଜାଣିବାକୁ ପାଇଥିଲେ। ଟେଣ୍ଡର କାଗଜରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଦାଖଲ କରିଥିବା ଆଧାର, ପାନକାର୍ଡ, ଟ୍ରକ୍ ରେଜିଷ୍ଟ୍ରେସନ କାଗଜରେ ପିତାଙ୍କ ନାମ ୩ ପ୍ରକାରର ରହିଛି। ଆଧାରକାର୍ଡରେ ବ୍ରହ୍ମନାଦ ମହାପାତ୍ର, ପରିବହନ ପଞ୍ଜୀକରଣ ପ୍ରମାଣ ପତ୍ରରେ ବ୍ରହ୍ମା ମହାପାତ୍ର ରହିଛି। ଏଥିସହିତ ପରିବହନ ପଞ୍ଜୀକରଣ ପ୍ରମାଣ ପତ୍ରରେ ଠିକଣା ବସନ୍ତିଆ, ଭଦ୍ରକ ଥିବା ବେଳେ ଟେଣ୍ଡର ପେପର(ଆନେକ୍ସସର-୧)ରେ ପଞ୍ଜୀକରଣ ଠିକଣା ଦେବତାଗଡିଆ, ତିଲୋ, ଭଦ୍ରକ, ଉଲ୍ଲେଖ ରହିଛି । ଯାହାକି ଗାଇଡ୍‌ଲାଇନକୁ ସମ୍ପୂର୍ଣ୍ଣ ଉଲ୍ଲଘଂନ କରୁଛି। ପରିବହନ ପାଇଁ ବ୍ୟବହୃତ ଗାଡ଼ିର ରେଜିଷ୍ଟ୍ରେସନରେ ତାଙ୍କ ପିତାଙ୍କ ନାମ ବ୍ରହ୍ମାଣ୍ଡ ମହାପାତ୍ର ଉଲ୍ଲେଖ ରହିଛି। ସେହିପରି ଟେଣ୍ଡର କାଗଜପତ୍ର ଦାଖଲ ବେଳେ କ୍ଷମତାପତ୍ରଧାରୀଙ୍କ ନାମ ପୂରଣ କରି ନ ଥିବା ବେଳେ ତାଙ୍କ ଦ୍ୱାରା ଆଗତ କରାଯାଇଥିବା ସତ୍ୟପାଠରେ ଦସ୍ତଖତ ଓ ସିଲ୍ ନାହିଁ ।ଏ ନେଇ ଅଭିଯୋଗକାରୀ ଡବ୍ଲୁ.ପି(ସି)ନଂ-୧୯୫୬୯/୨୨ଜୁନ୍ ୨୩ ଜରିଆରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି, ମାମଲା ଉଚ୍ଚ ନ୍ୟାୟାଳୟକୁ ଯାଇଥିବାରୁ କିଛି କହିପାରିବି ନାହିଁ।

# ‘୨୦୨୪ରେ ଭାଜପା ଓଡ଼ିଶାରେ କ୍ଷମତାକୁ ଆସିବ’

ଧାମନଗର,୨୯।୬(ଦେବେନ୍ଦ୍ର ଆଦିଆ)

## ଲାଭାର୍ଥୀ ସମ୍ମିଳନୀରେ ମନମୋହନଙ୍କ ଦୃଢ଼ୋକ୍ତି



ଲାଭାର୍ଥୀ ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।

କେନ୍ଦ୍ର ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ପ୍ରଚୁର ଅର୍ଥ ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର୍ ଏହାର ସଫଳ ବିନିଯୋଗ କରୁ ନ ଥିବାରୁ ୭୫ ଭାଗ ଅର୍ଥ ଫେରିଯାଉଛି। ବର୍ଷକୁ ୫୦ ହଜାର କୋଟି ଖଣି, ମଦ, ଡିଜେଲରୁ ଆଦାୟ ଟିକସକୁ ରାଜ୍ୟ ସରକାର ଆତ୍ମସାତ କରୁଛନ୍ତି। ରାଜ୍ୟରେ ଏବେ ସଚିବ ମାନେ ଶାସନ କରୁଛନ୍ତି। ବିଜେଡ଼ି ସରକାର ରାଜ୍ୟରେ ଦୀର୍ଘ ଦିନ ଧରି ଶାସନ କ୍ଷମତାରେ ରହିବା ଯୋଗୁ ତାଙ୍କର ଅହଂକାର ବଢ଼ିଯାଇଛି। ସବୁ କ୍ଷେତ୍ରରେ ବିଫଳ ହୋଇଛି ରାଜ୍ୟ ବିଜେଡି ସରକାର। ଏଭଳି ସ୍ଥିତିରେ ଆଗାମୀ ୨୦୨୪ ନିର୍ବାଚନରେ ରାଜ୍ୟବାସୀ ଭାଜପାକୁ କ୍ଷମତାସୀନ କରିବାକୁ ମନସ୍ଥ କଲେଣି ବୋଲି ବୁଧବାର ଧାମନଗର ବ୍ଲକ ପଧାନୀଠାରେ ଆୟୋଜିତ ଲାଭାର୍ଥୀ ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରକାଶ କରିଛନ୍ତି। ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ମୋଦୀ ସରକାରଙ୍କ ୯ ବର୍ଷ ଶାସନର ସଫଳତା ବଖାଣି ଥିଲେ। ରାଜ୍ୟରେ ଭାଜପା ଶାସନ କ୍ଷମତାକୁ ଆସିଲେ ଧାମନଗର ଅଞ୍ଚଳ ବନ୍ୟା ନିୟନ୍ତ୍ରଣର ସ୍ଥାୟୀ ସମାଧାନ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ଭଗବାନ ପଣ୍ଡା, ବରିଷ୍ଠ ନେତା ଦୀପକ ରାୟମହାପାତ୍ର, ଜିଲା ମିଡିଆ ସେଲ ସଂଯୋଜକ ବୈକୁଣ୍ଠ ନାଥ ସାହୁ, ବୃନ୍ଦଦେବ ଜେନା, କ୍ଷେତ୍ରବାସୀ ବାରିକ ପ୍ରମୁଖ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ। ଧାମନଗର ବିଧାନସଭା କ୍ଷେତ୍ରର ସଂଯୋଜକ ସରପଞ୍ଚ ଅଶୋକ ପୁହାଣ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ନେତା ରମେଶ ପତି, ବିଜୟ ଶଙ୍କର ନାୟକ, ପ୍ରମୋଦ କୁମାର ସୁତାର, ରଞ୍ଜିତ ସାହୁ, ଲକ୍ଷ୍ମୀଧର ପାଣିଗ୍ରାହୀ, ଶ୍ରୀକାନ୍ତ ଦାସ, ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ୨ ଯୁବକ ଆହତ

ନୀଳଗିରି, ୨୯।୬(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ଅଞ୍ଚଳରେ ଦେଖାଦେଇଛି ଭାଲୁ ଆତଙ୍କ। ଅତର୍କିତ ଭାଲୁ ଆକ୍ରମଣରେ ୨ ଯୁବକ ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନୀଳଗିରି ବ୍ଲକ କାଂଶ ପଞ୍ଚାୟତ ଅଧୀନ କରଞ୍ଜିଆ ଗ୍ରାମର କାର୍ତ୍ତିକ ବାରିକ ଗୁରୁବାର ନିଜ ଘରୁ ବାହାରକୁ ବାହାରିବା ବେଳେ ହଠାତ୍ ଏକ ଭାଲୁ ଆକ୍ରମଣ କରିଥିଲା। ପରିବାର ଲୋକେ ଡାକ ପକାଇବାରୁ ଭାଲୁଟି କାର୍ତ୍ତିକଙ୍କୁ ଛାଡ଼ି ପଳାଇଯାଇଥିଲା। ଏଥିରେ କାର୍ତ୍ତିକଙ୍କ ମୁଣ୍ଡ, ମୁହଁ, ଛାତି ଏବଂ ହାତରେ ଗଭୀର ଆଘାତ ଲାଗିଛି। ଅନ୍ୟପଟେ ଉକ୍ତ ଗ୍ରାମର ଜଗନ୍ନାଥ ଦଣ୍ଡପାଟ ନିକଟସ୍ଥ ସୋନ ନଦୀପଠାକୁ ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଭାଲୁଟି ଆକ୍ରମଣ କରିବା ପୂର୍ବରୁ ଉପସ୍ଥିତ ବୁଦ୍ଧି ଖଟାଇ ନଦୀକୁ ଡ଼େଇଁ ପଡ଼ିଥିଲେ। ତାଙ୍କର ଗୋଡ଼ରେ ଆଘାତ ଲାଗିଥିଲା। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲ ଅଣାଯାଇ ଚିକିତ୍ସା କରାଯାଉଛି।

### ଶିମିଳିପାଳରୁ ମୃତଦେହ ଜବତ

ବାରିପଦା,୨୯।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)-ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ପିଠାବଟା ରେଞ୍ଜ କଚୁଧନ ସେକ୍ସନ ଅଞ୍ଚଳରେ ଗୁରୁବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ବନବିଭାଗ ଜବତ କରି ପୋଲିସକୁ ହସ୍ତାନ୍ତର କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ତେବେ ବନକର୍ମଚାରୀମାନେ ଆନ୍ଦୋଳନରେ ସାମିଲ ଥିବାରୁ ଶିକାର ଉଦ୍ଦେଶ୍ୟରେ ଯାଇଥିବା ଶିକାରୀ ଜଣକ ବନ୍ୟଜନ୍ତୁ ଆକ୍ରମଣର ଶିକାର ହୋଇଥିବା ନେଇ ସନ୍ଦେହ କରାଯାଉଛି ବୋଲି ରେଞ୍ଜର ଜ୍ୟୋତି ରଞ୍ଜନ ସେନାପତି ପ୍ରକାଶ କରିଛନ୍ତି।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ରୂପସା, ୨୯।୬(ବାଞ୍ଛାନିଧି ଦେ)-ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ମିରିଗିମୁଣ୍ଡି ଗ୍ରାମର ଜଣେ ଯୁବକ ସାପ କାମୁଡ଼ାରେ ଗୁରୁବାର ପ୍ରାଣ ହରାଇଛନ୍ତି। ମୃତକ ହେଲେ ଗୟାରାମ ପାଲ (୫୦)। ଗତ ବୁଧବାର ରାତିରେ ସେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ କଟକ ମେଡିକାଲ ପହଞ୍ଚିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସେ ରୂପସାସ୍ଥିତ ଏଫ୍‌ସିଆଇରେ ଚାକିରି କରିଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ସ୍ତ୍ରୀ, ଜଣେ ପୁଅ ଓ ଜଣେ ଝିଅ ଅଛନ୍ତି।

### ହାତୀ ଆକ୍ରମଣରେ ଜଣେ ଗୁରୁତର

ଝୁମ୍ପୁରା,୨୯।୬(ଶଶୀଭୂଷଣ ସାହୁ/ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାଲିବନ୍ଧ ଫରେଷ୍ଟ ଅନ୍ତର୍ଗତ ସୁଲୁଗୁଡ଼ା ଜଙ୍ଗଲରେ ଗତ ୩ ଦିନ ହେବ ହାତୀପଲ ଆତଙ୍କ ଖେଳାଇଛନ୍ତି। ହାତୀ ଭୟରେ ସୁଲୁଗୁଡ଼ା, ମଧୁପୁର, ମଣନ୍ଦା ଗ୍ରାମର ଲୋକମାନେ ଚାଷ କାର୍ଯ୍ୟକୁ ମଧ ଯାଇ ପାରୁନାହାନ୍ତି। ହାତୀ ପଲରେ ୯ଟି ହାତୀ ରହିଥିବା ବେଳେ ପଲ ଝାଡ଼ଖଣ୍ଡ ରାଜ୍ୟରୁ ଚାଲି ଆସିଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ପଲରେ ଥିବା ଦନ୍ତାହାତୀ ଆକ୍ରମଣରେ ଗୁରୁବାର ସୁଲୁଗୁଡ଼ା ଗ୍ରାମର ନୁନ୍ଦୁ ବେଣ୍ଟ୍ରାକାର(୫୨) ଗୁରୁତର ହୋଇଛନ୍ତି। ସେ ଜଙ୍ଗଲକୁ ଯାଇଥିବା ବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ନୁନ୍ଦୁଙ୍କୁ ଶୁଣ୍ଢରେ ଟେକି ଫିଙ୍ଗିଦେଇଥିଲା। ବନ ବିଭାଗ କର୍ମଚାରୀ ତାଙ୍କୁ ଉଦ୍ଧାରକରି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ନୁନ୍ଦୁଙ୍କ ଚିକିତ୍ସା ଖର୍ଚ୍ଚ ସହ ଆବଶ୍ୟକ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ କହିଛନ୍ତି।

# ପ୍ରଶାସନିକ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

## ବିଲେଇପଦା ସାପ୍ତାହିକ ହାଟ ସ୍ଥାନାନ୍ତର ପ୍ରସଙ୍ଗ

ଯୋଡ଼ା,୨୯।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବିରିକଳା ପଞ୍ଚାୟତର ବିଲେଇପଦାଠାରେ ହେଉଥିବା ସାପ୍ତାହିକ ହାଟକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି ହେଉଛି। ଦାବିକୁ ନେଇ ବୁଧବାର ପ୍ରଶାସନିକ ଅଧିକାରୀ ସ୍ଥାନ ପରିଦର୍ଶନ କରିଥିବା ଜଣାପଡ଼ିଛି। ଖବର ନେବାରୁ ଜଣାପଡ଼ିଛି, ସ୍ଥାନୀୟ ଲୋକେ ଏକ ପଟ୍ଟାଭୁକ୍ତ ଜାଗାରେ ଦୀର୍ଘ ବର୍ଷ ହେଲା ସାପ୍ତାହିକ ହାଟ କରି ଆସୁଥିଲେ। ଜମି ମାଲିକ ସେଠାରେ ନିଜର ଘର ନିର୍ମାଣ କରିବାରୁ ସେଠାରେ ସ୍ଥାନର ଅଭାବ ଦେଖାଦେଇଛି। ଫଳରେ ବ୍ୟବସାୟରେ ସମସ୍ୟା ପରିଲକ୍ଷିତ ହେଉଛି। ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ସରପଞ୍ଚ, ୧୩ ନଂ. ୱାର୍ଡ ମେମ୍ବର ତଥା ନାଏବ ସରପଞ୍ଚ ପ୍ରମୁଖ ହାଟକୁ ଅନ୍ୟତ୍ର ସ୍ଥାନାନ୍ତରକରି ଏକ ଆଦର୍ଶ ହାଟ ନିର୍ମାଣ କରିବାକୁ ଯୋଡ଼ା ବିଡିଓ, ଜିଲାପାଳ ଓ ଡିଏଫ୍‌ଓଙ୍କୁ ଗତ ୩ ଏପ୍ରିଲ ୨୦୨୩ରେ ଲିଖିତ ଭାବେ ଜଣାଇଥିଲେ। ପଲ୍ଲିସଭା ଓ ଗ୍ରାମସଭା କରି ଟ୍ରେସ୍ ମ୍ୟାପ୍‌ର ସବିଶେଷ ବିବରଣୀ, କେନ୍ଦୁଝର ଡିଏଫ୍‌ଓ, ବଡ଼ବିଲ ତହସିଲଦାର, ଯୋଡ଼ା ବିଡିଓଙ୍କୁ ପ୍ରଦାନ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ପ୍ଲଟ୍ ନଂ. ୯୪୨, ଖାତା ନଂ. ୧୧୧, ଓ ୨.୫ଏକର ବିଶିଷ୍ଟ ଗ୍ରାମ୍ୟ ଖେସରା ଜଙ୍ଗଲ ଥିବା କାରଣସାହିଠାରେ ଡିଏମ୍‌ଏଫ୍ ଅର୍ଥରେ ଏକ ଆଦର୍ଶ ହାଟ ନିର୍ମାଣ କରିବାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଥିପାଇଁ କିଛିଦିନ ପୂର୍ବରୁ ବଡ଼ବିଲ ତହସିଲଦାର ଆଲୋକ ପଟେଲ ସେହି ସ୍ଥାନ ପରିଦର୍ଶନ କରିଥିଲେ। ମଙ୍ଗଳବାର ବଡ଼ବିଲ ରେଞ୍ଜର ରଞ୍ଜନ କାଲ, ବିଲେଇପଦା ଫରେଷ୍ଟର ମୋହିନୀ ମହାନ୍ତ, ବିରିକଳା ନିର୍ବାହୀ ଅଧିକାରୀ ନରହରି ନାୟକ, ଗ୍ରାମ ରୋଜଗାର ସେବକ ଅଜୟ ନାଏକ, ସରପଞ୍ଚ, ନାଏବ ସରପଞ୍ଚ ପରିଦର୍ଶନ କରିଥିଲେ। ବୁଧବାର ବଡ଼ବିଲ ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ବିଲେଇପଦା ଫରେଷ୍ଟର ମୋହିନୀ ମହାନ୍ତ, ବିଲେଇପଦା ରାଜସ୍ୱ ନିରୀକ୍ଷକ ପିର ମହମ୍ମଦ ଖାଁ, ବିରିକଳା ସରପଞ୍ଚ ମୁଖ ନାଏକ, ନାଏବ ସରପଞ୍ଚ କୁନ୍ତଳା ଖିଲାରମ୍‌ଙ୍କ ଉପସ୍ଥିତିରେ ହାଟର ସୀମା ନିର୍ଦ୍ଧାରଣ କରିଥିଲେ। ଏଠାରେ ଏକ ଆଦର୍ଶ ହାଟ ହେବା ପାଇଁ ଡିଏମ୍‌ଏଫ୍ ଅର୍ଥରୁ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଠାରେ ଥିବା ଛୋଟ ବଡ଼ ଗଛର ସୌନ୍ଦର୍ଯ୍ୟକରଣ ପାଇଁ ଚାନ୍ଦିନୀ, ପିଣ୍ଡି, ଛପର ସହିତ ବିଶୁଦ୍ଧ ପିଇବା ପାନୀୟ ଜଳ, ଟଏଲେଟ, ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣର ବଜେଟ ସ୍ଥିରୀକୃତ ହୋଇଥିବା ବିରିକଳା ସରପଞ୍ଚ ନାଏକ ସୂଚନା ଦେଇଛନ୍ତି।


ଅଧିକାରୀମାନେ ନୂତନ ହାଟ ନିମନ୍ତେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

## ବିଦ୍ୟୁତ୍ ସଂସ୍ପର୍ଶରେ ୨ ମୃତ୍ୟୁ ଘଟଣା


ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ଝୁମ୍ପୁରା, ୨୯।୬(ଶଶୀଭୂଷଣ ସାହୁ)

କେନ୍ଦୁଝର ଜିଲା ଝୁମ୍ପୁରା ଅଞ୍ଚଳରେ ବାହୁଡ଼ା ଯାତ୍ରା ସମୟରେ ରଥ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ବ୍ୟବଚ୍ଛେଦ ପରେ ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ଦେଖାଯାଇଥିଲା। ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଶବ ନେବାକୁ ମନା କରି ଦେଇଥିଲେ। ଘଟଣାସ୍ଥଳରେ ବାରିଆ ଥାନାଧିକାରୀଣୀ ବନ୍ଦନା ପାତ୍ର, ଝୁମ୍ପୁରା ଥାନାଧିକାରୀ ବରେନ୍ଦ୍ର ଶିଆଳ, ଚମ୍ପୁଆ ଏସ୍‌ଡିପିଓ ରାମରାୟ ମୁର୍ମୁ, ଝୁମ୍ପୁରା ତହସିଲଦାର ରୋହିତ ବାଗ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ରେଡ଼କ୍ରସ ପକ୍ଷରୁ ୧୦ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନା ସହାୟତା ୨ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଭତ୍ତା, ଘର ଯୋଗାଇ ଦିଆଯିବ। ଅନ୍ୟାନ୍ୟ ସହଯୋଗ ପ୍ରଦାନ ନିମନ୍ତେ ବିଡିଓଙ୍କ ସହ ପରାମର୍ଶ କରି ଚେଷ୍ଟା କରିବେ ବୋଲି ତହସିଲଦାର କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଟାଟା ପାୱାରର ଅଧିକାରୀ, କର୍ମଚାରୀ ନ ଆସିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣାକୁ ନେଇ ବାରିଆ ଥାନାରେ ମାମଲା (ନଂ. ୧୩/୨୦୨୩) ରୁଜୁ ହୋଇଛି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା


ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଶୁଭାରମ୍ଭ କରୁଛନ୍ତି।

ବାଲେଶ୍ୱର, ୨୯।୬ (ମାନସ ବିଶ୍ୱାଳ)

ବାଲେଶ୍ୱରସ୍ଥିତ ଡିଭିଜନାଲ ଲେବର କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ସୁଧାକର ନାୟକ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ ପୌରୋହିତ୍ୟ କରିବା ସହିତ ସଚେତନତା କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ସମଗ୍ର ଜିଲାକୁ ଶିଶୁ ଶ୍ରମିକମୁକ୍ତ ପାଇଁ ଜାରି ରହିଥିବା ଅଭିଯାନ ଅଧୀନ ଏହି ଶୋଭାଯାତ୍ରା ଜିଲାର ୪ଟି ବ୍ଲକ ସହ ପୌରପାଳିକା ଓ ଏନ୍‌ଏସିଗୁଡ଼ିକରେ ବୁଲି ଲୋକଙ୍କୁ ସଚେତନ କରିବ। ଶିଶୁଙ୍କୁ ଶ୍ରମିକ ଭାବେ ନିୟୋଜିତ କରୁଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ଜରିମାନା ସହିତ ୨ବର୍ଷ ଯାଏ କାରାଦଣ୍ଡରେ ଦଣ୍ଡିତ କରାଯିବା ନେଇ ଆଇନରେ ବ୍ୟବସ୍ଥା ରହିଛି ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଡିଭିଜନାଲ ଲେବର କମିଶନରଙ୍କ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ଅଜୟ କୁମାର ପ୍ରଧାନ, ଜିଲା ସହକାରୀ ଶ୍ରମ ଅଧିକାରୀ ଦୀପ୍ତିରଞ୍ଜନ ସାହୁ, ନୀଳଗିରି ସହକାରୀ ଶ୍ରମ ଅଧିକାରୀ ଯଶୋବନ୍ତ ଅମାତ, ସଦର ସହକାରୀ ଶ୍ରମ ଅଧିକାରୀ ଶ୍ରୀହରି ସୟନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଡିଭିଜନାଲ ଲେବର କମିଶନରଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଟ୍ୟୁଶନ ସେଣ୍ଟରରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

## ବଡନଗରରେ ଉତ୍ତେଜନା

ଜଳେଶ୍ୱର, ୨୯।୬(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ଖୁଲୁଡା ପଞ୍ଚାୟତର ବଡନଗର ଗ୍ରାମଠାରେ ଥିବା ଏକ କୋଚିଂ ସେଣ୍ଟରରେ କିଛିଦିନ ଧରି କେତେକ ଛାତ୍ରୀଙ୍କୁ ଅସଦାଚରଣ କରାଯାଉଥିବା ବୁଧବାର ଅଭିଯୋଗ ହୋଇଛି । ଶିକ୍ଷକଜଣକ ସେଠାରୁ ଖସି ପଳାଇଯାଉଥିବା ବେଳେ ସ୍ଥାନୀୟ ଲୋକେ ଅଟକ ରଖିଛନ୍ତି।

ବର୍ଡନା ପଞ୍ଚାୟତର କସିଦାସ୍ଥିତ ଭଗବତୀ ମାତା ଉଚ୍ଚ ବିଦ୍ୟାପୀଠର ଜଣେ ଶିକ୍ଷକ ବଡନଗର ଛକଠାରେ ଏକ କୋଚିଂ ସେଣ୍ଟର ଖୋଲି ଛାତ୍ରଛାତ୍ରୀଙ୍କୁ ଟ୍ୟୁଶନ କରି ଆସୁଥିଲେ। ସେଠାରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଟ୍ୟୁଶନ ହେଉଥିଲେ। ବିଭିନ୍ନ ସମୟରେ ଉକ୍ତ ଶିକ୍ଷକ କେତେଜଣ ଛାତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ଡାକି ଅସଦାଚରଣ କରିଥିବାରୁ ସେମାନେ ଆଉ ଟ୍ୟୁଶନ ଆସି ନ ଥିଲେ। ପରେ ପରିବାର ଲୋକେ ତାଗିଦ୍ କରିବାରୁ ସେମାନେ ସତ କଥା କହିଥିଲେ। ସେମାନଙ୍କର ମା'ମାନେ ଶିକ୍ଷକଙ୍କୁ ପଚରାଉଚୁରା କରୁଥିବା ବେଳେ ସେ ଘଟଣାସ୍ଥଳକୁ ଖସିଯିବାକୁ ଚେଷ୍ଟା କରିଥିଲେ। ନିକଟସ୍ଥ ଲୋକେ ଶିକ୍ଷକଙ୍କୁ ଅଟକ ରଖିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାହାନଗା, ୨୯।୬(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ କରଞ୍ଜାବିନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁକାନ୍ତ କୁମାର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପଣ୍ଡାଶୁଣି ୟୁଜି ସ୍କୁଲ ପ୍ରଧାନ ଶିକ୍ଷକ ସୀତାକାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କ୍ଷେତ୍ରମୋହନ ଉଚ୍ଚ ବିଦ୍ୟାପୀଠର ବରିଷ୍ଠ ସହକାରୀ ଶିକ୍ଷକ ଯଦୁନାଥ ପରିଡା ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସମିତିସଭ୍ୟ ସୁଧାକର ଆଚାର୍ଯ୍ୟ, କରଞ୍ଜାବିନ୍ଧା ସେବାଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଜେନା, ଭିଲ୍ଲା କ୍ଲଷ୍ଟର ସିଆରସିସି ଶଙ୍କର୍ଷଣ ସେଠୀ, କ୍ଷେତ୍ରମୋହନ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରତ୍ନାକର ସ୍ୱାଇଁ, ଶିକ୍ଷକ ପ୍ରଦୀପ ବିଶ୍ୱାଳ, ପିତାମ୍ବର ଖିଲାର, ଈଶ୍ୱର ଜେନା, କରଞ୍ଜାବିନ୍ଧା ୟୁପି ସ୍କୁଲ ସଭାପତି ଚକ୍ରଧର ବେହେରା, ଭାସ୍କର ଦଳାଇ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିବା ସହିତ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁପ୍ରିୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହାପରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଛାତ୍ରବତ୍ସଳ ସମ୍ପର୍କରେ ଆଲୋକପାତ କରି ବିଭିନ୍ନ ପୁସ୍ତକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦାୟୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଦାସ ନିଜେ ଶିକ୍ଷକତା ଜୀବନର ଅନୁଭୂତି କହି ଭାବବିହ୍ୱଳ ହୋଇପଡିଥିଲେ। ସହକାରୀ ଶିକ୍ଷକ ପୁଲକ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଭାଜପାର ଘର-ଘର ସମ୍ପର୍କ ଅଭିଯାନ

ଭଦ୍ରକ,୨୯।୬(ସନାତନ ରାଉତ)

ଭାଜପାର ମହା ଜନସମ୍ପର୍କ ଅଭିଯାନ ଅବସରରେ ଗୁରୁବାର ବନ୍ତ ବ୍ଲକ୍ ଅନ୍ତର୍ଗତ ପୁରୁଷଣ୍ଡ ପଞ୍ଚାୟତର ଭବାନିଗଞ୍ଜ ଓ ବଡ଼ମହିଁଷିଗୋଠ ପଞ୍ଚାୟତର ଚିକିରାରେ ଘର-ଘର ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାନସଭା ନେତା ବଦ୍ରୀ ନାରାୟଣ ଧଳ ଦଳୀୟ କର୍ମୀମାନଙ୍କ ସହିତ ଘରକୁ ଘର ଯାଇ ଲୋକଙ୍କୁ ଭାଜପା ଶାସନର ୯ ବର୍ଷର ଉପଲବ୍ଧି ସମ୍ପର୍କରେ ଅବଗତ କରାଇବା ସହ କର ପତ୍ର ବଣ୍ଟନ ଓ ଷ୍ଟିକରିଂ କରିଛନ୍ତି। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଶିବାନନ୍ଦ ଦାସ ଅଧିକାରୀ, ପୂର୍ବତନ ସଭାପତି ଗୋପାଳ କୃଷ୍ଣ ଦାଶ, ରାଜୀବ ଲୋଚନ ରାୟ, ମଦନ ମୋହନ ଦାଶ, ରମାକାନ୍ତ ନାୟକ, ମମତା ନାୟକ, ନରୋତ୍ତମ ଦାଶ, ଅଶୋକ ମହାନ୍ତି, କିରଣମୟ ବେହେରା, ବିଷ୍ଣୁ ସେଠୀ, ସୁକାନ୍ତ ଦାସ, ଶିବ ନାରାୟଣ ସିଂହ ପ୍ରମୁଖ ସାମିଲ ଥିଲେ।


ଭାଜପା ନେତା କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି।

# ବହଳଦା, ତିରିଂ ବ୍ଲକର ନୂତନ ବିଇଓ

ରାଇରଙ୍ଗପୁର,୨୯।୬(ମନୋରଞ୍ଜନ ତିରିଆ)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ବହଳଦା, ତିରିଂ ବ୍ଲକରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ନିଯୁକ୍ତି ଦିଆଯାଇଛି। ବହଳଦା ବ୍ଲକରେ ଶୁଭଶ୍ରୀ ସିଂ ଏବଂ ତିରିଂ ବ୍ଲକରେ ଯଜ୍ଞେଶ୍ୱର ଜେନା ନିଯୁକ୍ତି ପାଇଛନ୍ତି। ସେହିପରି କରଞ୍ଜିଆ ଉଚ୍ଚ ବିଦ୍ୟାଳୟରେ ଚତୁର୍ଭୁଜ ବାରିକ, ବହଳଦା ଉଚ୍ଚ ବିଦ୍ୟାଳୟରେ ମନୋରଞ୍ଜନ ଗିରି, ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟରେ ବିନୟ ରଞ୍ଜନ ନାଏକଙ୍କୁ ପ୍ରଧାନଶିକ୍ଷକ ଏବଂ ରାଇରଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରଶ୍ମିପ୍ରଭା ମହାନ୍ତଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି।

# ନଳକୂପ ଅଚଳ, ପାଣି ପାଇଁ ଲୋକେ ଡହଳବିକଳ

କରଞ୍ଜିଆ,୨୯।୬(କବିତା ମହାନ୍ତ)

କରଞ୍ଜିଆ ଏନ୍‌ଏସି ଅଧୀନ ୧ନଂ. ୱାର୍ଡର ନଳକୂପ ଦୀର୍ଘ ଦିନ ହେଲା ଅଚଳ ହୋଇପଡ଼ିଛି। ସ୍ଥାନୀୟ କାଉନସିଲର ବାରମ୍ବାର ଏନ୍‌ଏସି କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ୱାର୍ଡବାସୀ ପାଣିର ଘୋର ଅଭାବକୁ ନେଇ ହଇରାଣ ହେଉଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ୱାର୍ଡବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



# ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି ଜଳିଗଲା ଘର

## ମା' ପୁଅ ଗୁରୁତର

ଆନନ୍ଦପୁର,୨୯।୬ (ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ହାତିବନ୍ଧା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ୟାସ୍ ସିଲିଣ୍ଡରରୁ ନିଆଁ ଲାଗି ହାତିବନ୍ଧା ଗ୍ରାମର ଶତ୍ରୁଘ୍ନ ଖଟୁଆଙ୍କ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ତାଙ୍କ ସ୍ତ୍ରୀ ଓ ପୁଅ ଗୁରୁତର ହୋଇଛନ୍ତି। ଦୁର୍ଘଟଣାରେ ଝିଅ ମଧ କେତେକାଂଶରେ ଆହତ ହୋଇଛନ୍ତି। ଗୁରୁବାର ସକାଳୁ ଶତ୍ରୁଘ୍ନଙ୍କ ସ୍ତ୍ରୀ ମାଳତୀ ଚା' କରିବାକୁ ଯାଇ ଗ୍ୟାସ୍ ଚୁଲା ଜଳାଇବା ସମୟରେ ଚୁଲାରୁ ହଠାତ୍ ନିଆଁ ଉଠିଥିଲା। ନିଆଁର ପ୍ରଭାବରେ ମାଳତୀଙ୍କ ଦେହରେ ନିଆଁ ଲାଗିଥିଲା। ମା'କୁ ଉଦ୍ଧାର କରିବାକୁ ଯାଇ ପୁଅ ସୁଶାନ୍ତ ଗୁରୁତର ହୋଇଥିଲେ। ପରେ ଝିଅ ସରିତା ମଧ ନିଆଁ ପ୍ରଭାବରେ ଆହତ ହୋଇଥିଲେ। ସମସ୍ତ ଆହତ ଓ ଗୁରୁତରଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମା' ଓ ପୁଅଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଝିଅ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବର ପାଇଁ ଘସିପୁରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ବି ଘର ସମ୍ପୂର୍ଣ୍ଣ ଭାବେ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ପରିବାରକୁ ସହାୟତା ପ୍ରଦାନ କରିବାକୁ ପଡ଼ୋଶୀ ନବକିଶୋର ବେହେରା ପ୍ରମୁଖ କହିଛନ୍ତି।


ଘରର ଛପର ଜଳିଯାଇଛି।

# ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ଲାଗି ଟିପିଏନ୍‌ଓଡିଏଲ୍ ପ୍ରତିବଦ୍ଧ

## ମୌସୁମୀ ଲାଗି ପଦକ୍ଷେପ

ବାଲେଶ୍ୱର, ୨୯।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇ ନିକଟସ୍ଥ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ମୌସୁମୀ ପ୍ରସ୍ତୁତି ଅଭିଯାନର ଅଂଶସ୍ୱରୂପ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ମୌସୁମୀ ସମୟରେ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଏବଂ ଏହାର ଗ୍ରାହକ, କର୍ମଚାରୀଙ୍କ ପାଇଁ ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି।

ବିଦ୍ୟୁତ ବ୍ୟବସ୍ଥା, ଖୁଣ୍ଟ ଓ ତାର ଉପରେ ଗଛ/ଗଛର ଶାଖା ପଡ଼ିବା ଘଟଣା ଏଡ଼ାଇବାକୁ ୪୨୭୦୬ ସର୍କିଟ୍ କି.ମି.ରେ ଗଛର ବିଭିନ୍ନ ଅଂଶ ଛେଦନ କରାଯାଇଥିବା ବେଳେ ବୃକ୍ଷଲତା ବୃଦ୍ଧି ଯୋଗୁ ହେଉଥିବା ବିଭ୍ରାଟ ଏଡ଼ାଇବା ଲାଗି ୨୩୫ ପିଏସ୍‌ଏସ୍ ଓ ୪୬୩୪୮ ବିତରଣ ସବ୍‌ଷ୍ଟେଶନରୁ ଗଛଲତା ସଫା କରାଯାଇଛି। ପର୍ଯ୍ୟାପ୍ତ ଶ୍ରମ ଶକ୍ତି ମୁତୟନ, ତ୍ୱରିତ୍ ପ୍ରଶମନ ସମୟ ସହିତ ରକ୍ଷଣାବେକ୍ଷଣ ଓ ବ୍ରେକ୍‌ଡାଉନ୍ ଯାନ ୨୪ ଘଣ୍ଟା ଉପଲବ୍ଧ ରହିଛି। ଡିଟିରେ ୪୪୫୨ ପଲିମରିକ୍ ଲାଇଟନିଂ (ଘଡ଼ଘଡ଼ି) ଆରେଷ୍ଟର, ୩୩ କେଭି ଫିଡ଼ର୍‌ରେ ୧୧,୦୦୦ରୁ ଅଧିକ ପଲିମରିକ୍ ଇନସୁଲେଟର ଓ ୪୮୦ ପଲିମରିକ୍ ଲାଇଟନିଂ ଆରେଷ୍ଟର ସ୍ଥାପନ କରାଯାଇଛି, ଯାହା ଟ୍ରାନ୍ସଫର୍ମର ବିଭ୍ରାଟ ହ୍ରାସ କରିବାରେ ସହାୟକ ହେବ। ୧୨୩ଟି ସ୍ଥାନରେ ବିଦ୍ୟୁତ ଲିକ୍‌ର ଯାଞ୍ଚ ଅଭିଯାନ ଆୟୋଜନ କରାଯାଇଥିବା ବେଳେ ୫୨୦୩ ଆର୍ଥିଂ ବ୍ୟବସ୍ଥା ସ୍ଥାପନ ଓ ଡିଟି ପାଇଁ ୪୨୨୩ ଆର୍ଥିଂ ବ୍ୟବସ୍ଥା ମରାମତି କରାଯାଇଛି। ସୁରକ୍ଷାରେ ଉନ୍ନତି ଆଣିବା ଲାଗି ଅଧିକ ଦୁର୍ବଳ ଅଞ୍ଚଳରେ ୪୯୬୮ ଇଣ୍ଟରପୋଜିଂ ଖୁଣ୍ଟ ସ୍ଥାପନ କରାଯାଇଥିବା ସହ ଯେକୌଣସି ପ୍ରକାର ଅଭାବନୀୟ ସ୍ଥିତିକୁ ଏଡ଼ାଇବା ଲାଗି ୧୨୯୮ ବଣ୍ଟନ ସବ୍‌ଷ୍ଟେସନରେ ବାଡ଼ ଦିଆଯିବା ଭଳି ବିଭିନ୍ନ ପଦକ୍ଷେପ କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଛି। ତଳୁଆ ଅଞ୍ଚଳରେ ଥିବା ପିଏସ୍‌ଏସ୍‌ଗୁଡ଼ିକରୁ ଜଳ ନିଷ୍କାସନ ପାଇଁ ପମ୍ପସେଟ୍ ବ୍ୟବସ୍ଥା କରାଯାଇଥିବା ବେଳେ ବର୍ଷା ଋତୁରେ କ୍ଷେତ୍ରର କାର୍ଯ୍ୟ କରୁଥିବା କର୍ମଚାରୀମାନେ ଯେଉଁଭଳି କାମ କରିପାରିବେ ସେଥିପାଇଁ ସେମାନଙ୍କୁ ଗମ୍‌ବୁଟ୍, ରେନ୍‌କୋଟ୍ ଭଳି ଉପଯୁକ୍ତ ସୁରକ୍ଷା ଉପକରଣ ପ୍ରଦାନ କରାଯାଇଛି। ଯୋଜନା ଅନୁସାରେ ଟ୍ରାନ୍ସଫର୍ମର ଓ ସଂଯୋଗରେ ଥିବା ଉପକରଣଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଇଛି।

ଏନେଇ ଟିପିଏନ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ସରକାର କହିଛନ୍ତି, 'ସୁରକ୍ଷା ସର୍ବଦା ପ୍ରାଥମିକତା ହୋଇରହିଛି। ଗ୍ରାହକମାନଙ୍କ ଲାଗି ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିୟମିତ ଭାବେ ପ୍ରତ୍ୟକ୍ଷ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ମୌସୁମୀ ଋତୁରେ ସୁରକ୍ଷିତ ରହିବା ଲାଗି ସରଳ ପଦକ୍ଷେପ ଗ୍ରହଣ କରିବା ପାଇଁ ଆମେ ସମସ୍ତଙ୍କୁ ଆହ୍ୱାନ ଦେଉଛୁ ବୋଲି ପ୍ରକାଶ କରିଛନ୍ତି।''


ମରାମତି କାର୍ଯ୍ୟରେ ନିୟୋଜିତ ବିଦ୍ୟୁତ୍ କର୍ମଚାରୀ।

## ସଂକ୍ଷେପରେ

### ସରିଲା ବାହୁଡ଼ା ଯାତ୍ରା

ଉଦଳା,୨୯।୬(ସନ୍ତୋଷ କୁମାର ବାଛିନୀ)- ଉଦଳାଠାରେ ଶାନ୍ତିଶୃଙ୍ଖଳାର ସହ ବାହୁଡା ଯାତ୍ରା ଶେଷ ହୋଇଛି। ବୁଧବାର ବାହୁଡ଼ା ଯାତ୍ରାର ପ୍ରଥମ ଦିବସରେ ଚତୁର୍ଦ୍ଧାମୂର୍ତ୍ତି ମାଉସୀ ମା' ମନ୍ଦିରରୁ ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ। ଏହା ପରେ ନିଆରା ପରମ୍ପରା ଅନୁସାରେ ବାହୁଡାରେ ପ୍ରଥମ ଦିବସରେ କେବଳ ମହିଳା ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ । ପ୍ରଥମ ଦିବସରେ ଶ୍ରଦ୍ଧାଳୁମାନେ ରଥଟାଣି ହନୁମାନ ମନ୍ଦିର ଛକ ନିକଟରେ ପହଞ୍ଚାଇଥିଲେ। ଗୁରୁବାର ଦ୍ୱିତୀୟ ଦିବସରେ ରଥଟଣା ହୋଇ ରଥଖଳାରେ ପହଞ୍ଚିଛି। ପ୍ରତିକୂଳ ପାଗ ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁ ରଥ ଟାଣିଥିଲେ। ରଥଦାଣ୍ଡରେ ଭକ୍ତ ଏବଂ ଭଗବାନ ଏକାକାର ହୋଇଯାଇଥିଲେ। ପ୍ରାୟ ୪ ହଜାରରୁ ଅଧିକ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ରଥ ଟାଣିଥିଲେ । ରଥ କମିଟିର ସଭାପତି ସୋମନାଥ ସାହୁ, ସମ୍ପାଦକ ଲକ୍ଷ୍ମଣ ନାୟକ, ନଗରପାଳ ପ୍ରମିଳା ପଣ୍ଡା,ଉଦଳା ବିଧାୟକ ଭାସ୍କର ମଢେଇଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଏହି ରଥଟଣା କାର୍ଯ୍ୟରେ ସାମିଲ ହୋଇଥିଲେ। ବାହୁଡା ଯାତ୍ରାର ଦ୍ୱିତୀୟ ଦିନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଚେୟାରମ୍ୟାନ ଦେବାଶିଷ ମାରାଣ୍ଡି ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିରକୁ ଫେରିଲେ ମହାବାହୁ

ଗୋପବନ୍ଧୁ ନଗର,୨୯।୬ (ଶାନ୍ତନୁ କୁମାର ମଢୁଆଳ)- ପାଗ ଅନୁକୂଳ ଥିବାରୁ ପ୍ରବଳ ଜନସମାଗମ ମଧ୍ୟରେ ଗୁରୁବାର ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ମାଉସୀ ମା' ମନ୍ଦିରରେ ୯ ଦିନ ରହି ମହାପ୍ରଭୁ ତାଙ୍କ ଭାଇ ଓ ଭଉଣୀଙ୍କ ସହ ଶ୍ରୀ ମନ୍ଦିର ବାହୁଡି ଆସିଛନ୍ତି। ଅପରାହ୍ଣରେ ତିନି ଠାକୁରଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯିବା ପରେ ଭକ୍ତଙ୍କ ଦ୍ୱାରା ରଥଟଣା କାର୍ଯ୍ୟ ହୋଇଥିଲା। ଏହି ଅବସରରେ ଗୋପବନ୍ଧୁ ନଗର ବ୍ଲକର ସାଇଁକୁଳା, କୁଆମରା, କୁଶଳଦା, ସିମିଳାବନ୍ଧ, ଭୋଳପୋଖରୀ ଏବଂ ଖୁଣ୍ଟା ବ୍ଲକର ଖୁଣ୍ଟା, ଟିଟିଆ, ବାହାନଡା, ଗୟଳମରା ପ୍ରଭୃତି ଅଞ୍ଚଳରେ ରଥଟଣା କାର୍ଯ୍ୟ ହୋଇଛି।

### ସରିଲା ଅନନ୍ତ ବଳଦେବଜୀଉଙ୍କ ବାହୁଡ଼ା ଯାତ୍ରା

ସୋର, ୨୯।୬(ଜନ୍ମେଜୟ ମିଶ୍ର)- ବାଲେଶ୍ୱର ଜିଲା ସୋର ବ୍ଲକ ଗୁଡ଼ ଗ୍ରାମରେ ଗୁଡ଼ ଅନନ୍ତ ବଳଦେବଜୀଉଙ୍କ ବାହୁଡ଼ା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି। ଏହି ଯାତ୍ରା ଚଳିତବର୍ଷ ମଧ ବହୁ ମହାଆଡ଼ମ୍ବର ଅନୁଷ୍ଠିତ ହୋଇଛି। ଗୁରୁବାର ସକାଳ ୬ଟାରେ ମହାପ୍ରଭୁଙ୍କ ନୀତିପୂଜା, ୬ଟା ୩୦ରେ ମଙ୍ଗଳ ଆରତୀ ଏବଂ ସକାଳ ୮ ଟାରେ ପ୍ରଭୁଙ୍କ ବାଲ୍ୟ ଭୋଗ ସହିତ ରଥ ଭୋଗ ହୋଇଥିଲା। ଦ୍ୱିପହରରେ ମହାପ୍ରଭୁଙ୍କ ପହଣ୍ଡି ବିଜେ ଆରମ୍ଭ ହୋଇଯାଇଥିଲା। ନୀତିକାନ୍ତି ଅନୁସାରେ ରଥ ପରିକ୍ରମା ଏବଂ ପୂଜାର୍ଚ୍ଚନା ଚାଲୁ ରହିଥିଲା। ୪ଟା୩୦ରେ ମହାପ୍ରଭୁ ରଥ ମାର୍ଜନା ହୋଇଥିଲା ଏବଂ ପରେ ମହାପ୍ରଭୁ ରଥାରୂଢ଼ ହୋଇଥିଲେ। ପରେ ସେବାୟତମାନଙ୍କ ଦ୍ୱାରା ନାମାଧାରୀ କାର୍ଯ୍ୟକ୍ରମ ହୋଇଥିଲା। ଅପରାହ୍ନ ୫ଟାରେ ପ୍ରଭୁଙ୍କ ରଥଟଣା କାର୍ଯ୍ୟକ୍ରମ ହୋଇଥିଲା। ପ୍ରଭୁଙ୍କ ପହଣ୍ଡି ବିଜେ ବେଳେ ବାଜା, ରୋଷଣୀ, ମୃଦଙ୍ଗ ଘଣ୍ଟ ଶବ୍ଦରେ ପ୍ରକମ୍ପିତ ହୋଇଉଠୁଥିଲା। ପ୍ରଭୁଙ୍କର ଦକ୍ଷିଣ ମୋଡ଼ରେ ଦକ୍ଷିଣ ଆରତୀ ହୋଇଥିଲା। ପରମ୍ପରା ଅନୁସାରେ ବାହୁଡ଼ା ଦିନ ରଥ ଅଧା ବାଟ ପର୍ଯ୍ୟନ୍ତ ଟଣା ଯାଇଥିଲା ଗୁରୁବାର ରଥ ଟଣାଯାଇ ସମ୍ପନ୍ନ ହୋଇଛି।

### ଦଧିବାମନଜୀଉଙ୍କ ସୁନାବେଶ ଦର୍ଶନ

ପାଟଣା,୨୯।୬( ବୀର କିଶୋରେ ଦାଶ.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗରସ୍ଥିତ ପ୍ରାଚୀନ ଦଧିବାମନ ଜୀଉ ଗୁରୁବାର ସନ୍ଧ୍ୟାରେ ସୁନାବେଶରେ ଦର୍ଶନ ଦେଇଛନ୍ତି। ସେବାୟତ ପ୍ରଦୀପ ପାଣି, ସତ୍ୟାନନ୍ଦ ପଣ୍ଡା, ବିରଞ୍ଚି ନାରାୟଣ ମିଶ୍ର, ଗୋପୀନାଥ ପଣ୍ଡା, ଦେବନୀତି ସମ୍ପାଦନ କରିଥିଲେ। ତୁରୁମୁଙ୍ଗା ପୋଲିସ ପକ୍ଷରୁ ଥାନା ଅଧିକାରୀ ମଦନ ମୋହନ ନାଏକଙ୍କ ନେତୃତ୍ୱରେ ଆଇନଶୃଙ୍ଖଳା ରକ୍ଷା କରାଯାଇଛି। ମୃତ୍ୟୁଞ୍ଜୟ ପାଣି, ରଜନୀକାନ୍ତ ମିଶ୍ର, ଶ୍ରଦ୍ଧା ନନ୍ଦ ପାଣି, ନିଶି କାନ୍ତ ମିଶ୍ର ପ୍ରମୁଖ ଦେବନୀତି ସମ୍ପାଦନ କରିଛନ୍ତି।

# ସୁନା ଅଳଙ୍କାରରେ ଝଲସୁଛନ୍ତି ଶ୍ରୀଜୀଉ



ସୁନା ବେଶରେ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ ।

## ଶ୍ରୀ ବଳଦେବଜୀଉଙ୍କ ସୁନାବେଶ

କେନ୍ଦୁଝର,୨୯।୮(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝରର ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜୀଉ, ଶ୍ରୀ ଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କ ପବିତ୍ର ସୁନାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜୀଉ ମନ୍ଦିରକୁ ଯିବା ପୂର୍ବରୁ ମହଣ ମହଣ ସୁନାରେ ସଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ହଜାର ସଂଖ୍ୟାରେ ଭକ୍ତ ଦୂରଦୂରାନ୍ତରୁ ଆସି ଶ୍ରୀ ଜୀଉମାନଙ୍କ ସୁନାବେଶକୁ ଦର୍ଶନ କରି ସାନିଧ୍ୟ ଲାଭ କରିଥିଲେ।

ଅପରାହ୍ନ ୪ଟାରୁ ଭକ୍ତମାନଙ୍କର ଦର୍ଶନ ପାଇଁ ଖୋଲାଯାଇଥିବା ବେଳେ ରଥ ଉପରକୁ ଯାଇ ଦର୍ଶନ କରିବା ବାରଣ କରାଯାଇଥିଲା। ସୁରକ୍ଷା ଦୃଷ୍ଟି କୋଣରୁ ରଥ ଚାରିପଟେ ବାରିକେଡ୍ କରାଯାଇ ଦୂରରୁ ଭକ୍ତ ମାନଙ୍କ ଦର୍ଶନ ପାଇଁ ସୁଯୋଗ ଦିଆଯାଇଥିଲା। ମନ୍ଦିରର ପୂଜକ ଓ ଶ୍ରୀ ଜୀଉଙ୍କ ସେବକମାନେ ସୁନାବେଶ କରାଇଥିଲେ। ଠାକୁରଙ୍କର ୬୩ ପ୍ରକାରର ସୁନା ଗହଣା ରହିଥିବା ବେଳେ ୧୩ ପ୍ରକାରର ଅଳଙ୍କାର ବିଶେଷ କରି ମୁକୁଟ, କୁଣ୍ଡଳ, ହାର, ବାହୁଟି, କଙ୍କଣ, ଗଳାରତ୍ନ, ମୁକ୍ତାମଣି, କିରିଟ, ବାଜୁ ଆଦି ଅଳଙ୍କାରଙ୍କୁ ବେଶ ସମୟରେ ସଜ୍ଜିତ କରାଯାଇଛି। ଏ ନେଇ ଦୋବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି, ସୁନାବେଶରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଚାରିପଟେ ବାରିକେଡ୍ ସହ ପୋଲିସ ମୁତୟନ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଛି। ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ କହିଛନ୍ତି, ଏସ୍‌ପି ଓ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୧୩ ପ୍ଲାଟୁନ ଫୋର୍ସ ସହିତ ୩୦ ଅଧିକାରୀ, ୭ ଡିଏସ୍‌ପି ସୁନାବେଶ ପାଇଁ ମୁତୟନ କରାଯାଇଛି। ୩୦୦ ମିଟର ଦୂରରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ଭକ୍ତମାନଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ଉଜ୍ଜଳ ଆଲୋକ ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ବର୍ତ୍ତମାନ ଶ୍ରୀ ଜୀଉଙ୍କର ପାଖାପାଖି ୩୪ କିଲୋ ୨୬୫ ଗ୍ରାମ ସୁନା ଗଚ୍ଛିତ ରହିଥିବା ବେଳେ ସମସ୍ତ ସୁନାର ଅଦ୍ୟାବଧି ଆକଳନ କରାଯାଇପାରିନାହିଁ। ୨୦୦୮ରୁ ସୁନାବେଶ ଆରମ୍ଭ ହୋଇଥିଲା। କେନ୍ଦୁଝରର ରାଜାଙ୍କ ପୃଷ୍ଠପୋଷକତାରେ ସୁନାବେଶ ଅନୁଷ୍ଠିତ ହୋଇଆସୁଥିବା ବେଳେ ୧୯୬୧ରେ ଶେଷ ଥର ପାଇଁ ଅନୁଷ୍ଠିତ ହୋଇଥିଲା। ପରେ ପ୍ରତିକାତ୍ମକ ଭାବେ ସୁନା ଲାଗି ହେଉଥିଲା। ଠାକୁରଙ୍କ ବହୁ ମୂଲ୍ୟବାନ ଅଳଙ୍କାର ରହିଥିଲେ ହେଁ ବ୍ୟବହାର ହୋଇ ପାରୁନାହିଁ କିମ୍ବା ମୂଲ୍ୟ ଆକଳନ କରାଯାଇପାରୁନାହିଁ । ଏହାର ମୂଲ୍ୟ ଶହ ଶହ କୋଟି ଟଙ୍କା ହେବ ବୋଲି ବରିଷ୍ଠ ଆଇନଜୀବୀ ନିମାଁଇ ଚରଣ ଦାସ କହିଛନ୍ତି।

## ମନମୋହିଲା କଣ୍ଢେଇ ନାଚ

କେନ୍ଦୁଝର, ୨୯।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ଅବସରରେ ବଡ଼ଦାଣ୍ଡରେ ଚାଲିଛି ନୃତ୍ୟଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି ଅବସରରେ ସଦର ବ୍ଲକ୍ ଜଡ଼ିପଦାର ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ଚକ୍ରଧର ପରିଡ଼ାଙ୍କ ଦେବଶିଳ୍ପୀ ବିଶ୍ୱକର୍ମା କଣ୍ଢେଇ ନାଚ ଦଳ ପକ୍ଷରୁ ପ୍ରସିଦ୍ଧ କଣ୍ଢେଇ ନାଚ ପ୍ରଦର୍ଶିତ ହୋଇଥିଲା। 'ରାମାୟଣର ନିକୁମ୍ଭିଳା ଯଜ୍ଞରେ ଇନ୍ଦ୍ରଜିତ ବଧ' ଶୀର୍ଷକ ପୌରାଣିକ ନାଟକ ଅନୁଷ୍ଠିତ ହୋଇଥିଲା। ଭଜନ ସାଙ୍ଗକୁ ସାଂସ୍କୃତିକ, ସମ୍ବଲପୁରୀ ଡୁଇଟ, ସାପୁଆ ଖେଳ ଆଦି କଣ୍ଢେଇଙ୍କ ଦ୍ୱାରା ପ୍ରଦର୍ଶନ ପ୍ରାୟ ଦୁଇ ଘଣ୍ଟା ଧରି ଦର୍ଶକଙ୍କୁ ବାନ୍ଧି ରଖିଥିଲା। ନାଟକ ପ୍ରାରମ୍ଭରେ ଦେବୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ରଙ୍ଗବେରଙ୍ଗ ବେଶରେ କାଠରେ ତିଆରି କଣ୍ଢେଇକୁ ସଜ୍ଜିତ କରାଯାଇ ମଞ୍ଚରେ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଚ୍ଛଦ ପଟରେ ନିର୍ଦ୍ଦେଶକ ତଥା କଳାକାର ଚକ୍ରଧର ପରିଡ଼ା କଣ୍ଢେଇମାନଙ୍କୁ କାଠିରେ ଧରି ନୃତ୍ୟ ପରିବେଷଣ କରିବା ସହ ବିଭିନ୍ନ ଶବ୍ଦରେ ଡାଇଲଗ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତରେ ଅର୍ଜୁନ ନାୟକ, ମଞ୍ଚ ସହାୟକରେ ରାମଚନ୍ଦ୍ର ପରିଡ଼ା, ମୋହିତ କୁମାର ପରିଡ଼ା, ଦିଲେଶ୍ୱର ନାୟକ, ଶଙ୍କର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ ସୁକନ୍ୟା



@ ପ୍ରଶ୍ନ କୁମାର



@ ରାକେଶ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ଅଧାବାଟରେ ଦେବୀ ସୁଭଦ୍ରା, ବଡ଼ଭାଇଙ୍କୁ ଅପେକ୍ଷା



ବାରିପଦା ରଥଦାଣ୍ଡରେ ଭିଡ଼ ଜଣାଇଥିବା ଶ୍ରଦ୍ଧାଳୁ।

## ବାରିପଦାରେ ବାହୁଡ଼ା ଯାତ୍ରା

ବାରିପଦା,୨୯।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାଠାରେ ପରମ୍ପରା ଅନୁଯାୟୀ ଗୁରୁବାର ବାହୁଡ଼ାଯାତ୍ରା ଆରମ୍ଭ ହୋଇଛି। ଜନ୍ମବେଦୀରେ ଲୀଳାଖେଳା ସାରି ଶ୍ରୀଜୀଉମାନେ ରତ୍ନବେଦୀ ଅଭିମୁଖେ ବାହାରି ପଡିଛନ୍ତି। ତିନି ରଥକୁ ଶ୍ରୀମନ୍ଦିର ନିକଟରେ ପହଞ୍ଚାଇବା ପାଇଁ ବଡ଼ଦାଣ୍ଡ ଭକ୍ତମୟ ହୋଇପଡ଼ିଥିଲା। ରଥାରୂଢ଼ ଠାକୁରଙ୍କ ଦଉଡ଼ି ସ୍ପର୍ଶ କରିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁ ଉତ୍ସୁକତାର ସହ ଚାହିଁ ବସିଥିଲେ। ଭକ୍ତମୟ ବଡ଼ଦାଣ୍ଡ ହରିବୋଲ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇପଡ଼ିଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବା ବେଳେ ଦେବୀ ସୁଭଦ୍ରାଙ୍କ ରଥ ଅଧାବାଟରେ ଅଟକି ରହିଛି। ଶୁକ୍ରବାର ସୁଭଦ୍ରାଙ୍କ ରଥ ପହଞ୍ଚିବା ପରେ ବଡ଼ଭାଇ ବଳଭଦ୍ରଙ୍କ ରଥଟଣା ଆରମ୍ଭ ହେବ। ରଥଟଣା ଶେଷ ହେବା ପରେ ଚତୁର୍ଦ୍ଧାମୂର୍ତ୍ତି ବଡ଼ଦେଉଳକୁ ପହଣ୍ଡି ବିଜେ କରିବେ।

ଶ୍ରୀକ୍ଷେତ୍ର ପୁରୀର ବାହୁଡ଼ା ଯାତ୍ରା ପରଦିନ ବାରିପଦାରେ ବାହୁଡ଼ା ଯାତ୍ରା ଆରମ୍ଭ ହୋଇଥାଏ। ବୁଧବାର ଶ୍ରୀଗୁଣ୍ଡିଚା ମନ୍ଦିରରେ ତିନିଠାକୁର ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ କରିଥିଲେ। ଅଧଘଣ୍ଟା ବିଳମ୍ବରେ ଅପରାହ୍ନ ୩ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣି ୪ଟା୩୦ରେ ଶ୍ରୀମନ୍ଦିର ନିକଟରେ ପହଞ୍ଚାଇଥିଲେ। ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ କେବଳ ମହିଳାମାନେ ଟାଣି ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥିଲେ। ଏହି ସମୟରେ ହରିବୋଲ, ହୁଳହୁଳି, ସଙ୍କୀର୍ତ୍ତନ,ନୃତ୍ୟ, ବାଦ୍ୟ ଓ ଘଣ୍ଟନାଦରେ ଭକ୍ତମାନେ ବିଭୋର ହୋଇପଡ଼ିଥିଲେ। ସୁଭଦ୍ରାଙ୍କ ରଥ କେବଳ ମହିଳାମାନେ ଟାଣିବା ପରମ୍ପରା ରହିଥିବାରୁ ପଡ଼ୋଶୀ ଜିଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମହିଳାମାନେ ଏକଜୁଟ ହୋଇ ରଥ ଦଉଡ଼ିକୁ ଟାଣିଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ରଥ ଟାଣିଥିଲେ। ଏସ୍‌ପି ବି.ଗଙ୍ଗାଧର ଉପସ୍ଥିତ ରହି ରଥଯାତ୍ରା ସୁପରିଚାଳନା କରିଥିଲେ। ତେବେ ବାରିପଦା ସହରରେ ପ୍ରବଳ ଭିଡ଼ ପରିଲକ୍ଷିତ ହେବାରୁ ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ସମସ୍ୟା ଦେଖାଯାଇଛି। ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରୁ ୭ଟା ୩୦ ମଧ୍ୟରେ ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କ ଭେଟ ଅନୁଷ୍ଠିତ ହେବ । ରାତି ୧୧ଟା ପରେ ତିନି ଠାକୁର ବଡ଼ଦେଉଳକୁ ପହଣ୍ଡି ବିଜେ କରିବେ। ଏଥି ନିମନ୍ତେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

# ଅଧା ବାଟରେ ଅଟକିଲେ ଚତୁର୍ଦ୍ଧାମୂର୍ତ୍ତି

## ବାହୁଡ଼ା ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ

ନୀଳଗିରି, ୨୯।୬(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରିରେ ମହାପ୍ରଭୁଙ୍କ ପ୍ରଥମ ଦିନର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ଗୁରୁବାର ପୂର୍ବାହ୍ଣରେ ସମସ୍ତ ରୀତିନୀତି ପରେ ମହାପ୍ରଭୁଙ୍କ ଦିବ୍ୟଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ଅପରାହ୍ଣରେ ଗୁଣ୍ଡିଚା ମନ୍ଦିର ମନ୍ଦିର ସମ୍ମୁଖରେ ଥିବା ରଥକୁ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ରଥଦାଣ୍ଡରେ ମନ୍ଦିର ଆଡ଼କୁ ଶ୍ରଦ୍ଧାଳୁମାନେ ଟାଣି ଟାଣି ନେଇଥିଲେ।

ପରମ୍ପରା ଅନୁସାରେ ୨ଦିନ ଧରି ନୀଳଗିରିରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରଥମ ଦିନରେ ଶ୍ରଦ୍ଧାଳୁ ଓ ଜଗନ୍ନାଥପ୍ରେମୀ ଗୁଣ୍ଡିଚା ମନ୍ଦିର ନିକଟରୁ ରଥଟାଣି ବଡ଼ଦାଣ୍ଡ ଅଧାରାସ୍ତା ତଥା ଶଙ୍କରାଖୁଣ୍ଟା ପୋଖରୀ ସମ୍ମୁଖରେ ପହଞ୍ଚାଇଥିଲେ। ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି ଗୋଟିଏ ରାତି ରହିବା ପରେ ପୁଣି ଶୁକ୍ରବାର ଅପରାହ୍ଣରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ। ରଥଟଣାକୁ ବିଡିଓ ରାହୁଲ ମଣ୍ଡଳ ଏବଂ ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପରିଚାଳନା କରିଥିଲେ। ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ବାହୁଡ଼ାଯାତ୍ରାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଢେଙ୍କାନାଳ ଜିଲାପାଳ ସରୋଜ ସେଠୀ, ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଲିକ, ଏସ୍‌ଡିପିଓ ରିତେଶ କୁମାର ମହାପାତ୍ର, ବାଲେଶ୍ୱର ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ, ଏନ୍‌ଏସି ଅନୁସୂଚିତ ଜାତି ସଭାପତି ଶରତ ଦାସ, ସନ୍ତୋଷ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ନିୟନ୍ତ୍ରଣ କରି ଶୃଙ୍ଖଳିତ ଦର୍ଶନ ପାଇଁ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। ବହୁ ସଂଖ୍ୟାରେ ଲୋକ ସ୍ଥାନୀୟ କେସି ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରଦର୍ଶନୀ ମେଳା ଦେଖିବାକୁ ଭିଡ଼ ଜମାଇଥିଲେ।



ନୀଳଗିରିରେ ବାହୁଡ଼ା ଯାତ୍ରା

## ରଥ କର୍ଡ଼ନ ଭିତରେ ଅବ୍ୟବସ୍ଥା: ଏମ୍‌ପି ଆହତ



ଆହତ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ।

ନୀଳଗିରି,୨୯।୬(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରିରେ ମହାପ୍ରଭୁଙ୍କ ପ୍ରଥମ ଦିନର ବାହୁଡ଼ା ଯାତ୍ରା ଅବସରରେ ରଥଟଣା ବେଳେ ଦ୍ୱିତୀୟ କର୍ଡ଼ନ ଭିତରେ ଗହଳି ଓ ଅବ୍ୟବସ୍ଥା ଯୋଗୁ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆହତ ହୋଇଛନ୍ତି। ଗୁରବାର ଅପରାହ୍ଣରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ରଥକୁ ଭକ୍ତମାନେ ପ୍ରଥମ ଦିନରେ ରଥଦାଣ୍ଡରେ ମନ୍ଦିର ଆଡ଼କୁ ଟାଣି ଟାଣି ନେଇଥିବାବେଳେ କର୍ଡନ ଭିତରେ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଇଦ-ଉଲ-ଜୁହା ଅବସରରେ ପୋଲିସ ଫୋର୍ସ ଅନ୍ୟ ସ୍ଥାନକୁ ଯାଇଥିବାରୁ କମ୍ ସଂଖ୍ୟକ ପୋଲିସ୍ ରଥଟଣା କାର୍ଯ୍ୟକ୍ରମରେ ରହିଥିଲେ। ବିଭିନ୍ନ କର୍ଡ଼ନ୍‌ରେ ବ୍ୟାପକ ଅବବ୍ୟସ୍ଥା ଦେଖିବାକୁ ମିଳିଥିଲା। ଦ୍ୱିତୀୟ କର୍ଡନ୍‌ରେ ବାଲେଶ୍ୱର ଏମ୍‌ପି ଷଡ଼ଙ୍ଗୀ ରଥ ଟାଣୁଥିବା ବେଳେ ହଠାତ୍ ତୃତୀୟ କର୍ଡ଼ନ୍‌ର ଭକ୍ତମାନେ ମାଡ଼ି ଆସିଥିଲେ। ଫଳରେ ଏମ୍‌ପି ଷଡ଼ଙ୍ଗୀ ଆହତ ହୋଇଥିବା ବେଳେ ହାତରେ ରକ୍ତ ବାହାରୁଥିବା ଦେଖାଯାଇଥିଲା।

# ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ

ଢେଙ୍କିକୋଟ,୨୯।୬(ନୀଳମଣୀ ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦ୍ୱାରା ଆୟୋଜିତ ରଥଯାତ୍ରାରେ ଗୁରୁବାର ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସୁନାବେଶ କରାଯାଇଛି। ସୁନାବେଶକୁ ପୂଜକ କଳାକର ପଣ୍ଡା ଯଥା ରୀତିନୀତି ପୂଜା ସମ୍ପୂର୍ଣ୍ଣ କରିବା ପରେ ସୁନାଗହଣାକୁ ପିନ୍ଧାଇଥିଲେ। ସୁନାବେଶ ଦେଖିବା ପାଇଁ ଢେଙ୍କିକୋଟ ଆଖପାଖ ଅଞ୍ଚଳର ଭକ୍ତଙ୍କ ଭିଡ଼ ଜମିଥିଲା। କମିଟିର ସଭାପତି ଦିଗାମ୍ବର ନାୟକ, ସମ୍ପାଦକ ନିର୍ମଳ ଚନ୍ଦ୍ର ମହାନ୍ତ, ନୀଳମଣୀ ମଣ୍ଡଳ, ରାମଚନ୍ଦ୍ର ସାହୁ, ରାକେଶ ମଣ୍ଡଳ, ବିଜୟ ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ନାୟକ, ସୁଶାନ୍ତ ମଣ୍ଡଳ, ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସହଯୋଗ କରିଥିଲେ।



ସୁନାବେଶରେ ସଜ୍ଜିତ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତି।

# ଇମାମୀ ନଗରରେ ଶ୍ରୀଜୀଉଙ୍କ ସୁନାବେଶ

ବାଲେଶ୍ୱର, ୨୯।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳ ଶିଳ୍ପାଞ୍ଚଳସ୍ଥିତ ଇମାମୀନଗର ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ଗୁରୁବାର ପ୍ରାତଃରୁ ସମସ୍ତ ରୀତିନୀତିରେ ଶେଷ ହେବା ପରେ ସକାଳ ୮ଟା ୩୦ମିନିଟ୍‌ରେ ଶ୍ରୀଜୀଉମାନେ ସୁସଜ୍ଜିତ ସୁନାବେଶରେ ଶ୍ରଦ୍ଧାଳଙ୍କୁ ଦର୍ଶନ ଦେଇଥଲେ। ଅନୁରୂପ ଭାବେ ପବିତ୍ର ବାହୁଡ଼ା ଏକାଦଶୀରେ ମନ୍ଦିର ମଧ୍ୟରେ ଶ୍ରୀ ଗଣେଶଜୀ ମହାରାଜା, ଶ୍ରୀ ହନୁମାନଜୀ ମହାରାଜା, ମା' ଗଜଲକ୍ଷ୍ମୀ, ଶ୍ରୀ କାଶୀବିଶ୍ୱନାଥ ମହାରାଜ ଓ ମାତା ବିମଳା ମଧ ସ୍ୱତନ୍ତ୍ର ଭାବରେ ସ୍ୱର୍ଣ୍ଣାଳଙ୍କାରରେ ସୁସଜ୍ଜିତ ହୋଇ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମନ୍ଦିରବେଢ଼ାରେ ହଜାର ହଜାର ଭକ୍ତଙ୍କ ସମାଗମରେ ବେଶ୍ ଉତ୍ସବମୁଖର ହୋଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟପୂଜକ ପ୍ରଦୀପ କୁମାର ମିଶ୍ର ତଥା ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଲ ରଞ୍ଜନ ଦାସସାମନ୍ତରାୟ ସମସ୍ତ କାର୍ଯ୍ୟକୁ ସମ୍ପାଦନ କରିଥିଲେ। ମନ୍ଦିରବେଢ଼ାରେ ଆଲୋକସଜ୍ଜା ଓ ପୁଷ୍ପସଜ୍ଜା ଭକ୍ତଙ୍କ ମନରେ ବେଶ୍ ଭାବବିହ୍ୱଳ ସୃଷ୍ଟି କରିଥିଲା। ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ତଥା ଇମାମୀ ନଗର ଜଗନ୍ନାଥ ମନ୍ଦିର ମୁଖ୍ୟ ପୁରୋଧା ସୁଶୀଲ କୁମାର ଗୋୟେଙ୍କା ତଥା ସ୍ଥାନୀୟ କାଗଜକଳ ସଭାପତି, ମନ୍ଦିର ପ୍ରଶାସନ ଏବଂ ସ୍ଥାନୀୟ ଇମାମୀ କାଗଜକଳର ବହୁ ପଦାଧିକାରୀ, କର୍ମକର୍ତ୍ତା ତଥା ଇମାମୀ କଲୋନୀସ୍ଥିତ ଲେଡିଜ୍ କ୍ଲବର ସଦସ୍ୟମାନେ ଉପସ୍ଥିତ ରହି ଉପରୋକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରଥଯାତ୍ରା ଓ ବାହୁଡ଼ା ଉତ୍ସବ ସୂଚାରୁ ରୂପେ ଶେଷ ହୋଇଥିବାରୁ ସମସ୍ତ କର୍ମକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀ, ପୋଲିସ ପ୍ରଶାସନ, ସ୍ୱାସ୍ଥ୍ୟ ଅଧିକାରୀ, ଅଗ୍ନିସେବା ସଂସ୍ଥା, ସତ୍ୟସାଇ ସେବା ସଙ୍ଗଠନ, ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ତଥା ବିଭିନ୍ନ ସଙ୍ଗଠନ ତରଫରୁ ସହଯୋଗ କରିଥିବା ଜଗନ୍ନାଥପ୍ରେମୀଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ମନୋଜ କୁମାର ପାଢ଼ୀ ଏକ ପ୍ରେସ୍ ବିବୃତ୍ତିରେ କୃତଜ୍ଞତା ଜ୍ଞାପନ କରିଛନ୍ତି।



ସୁସଜ୍ଜିତ ସୁନାବେଶରେ ଶ୍ରୀଜୀଉ।

